

ଟିପ୍ପଣୀ

# ଏକକ ୮ : ଶ୍ରେଣୀଗୃହ ପୃଷ୍ଠଭୂମିରେ ଭାଷା ଶିକ୍ଷାଦାନ ପଦ୍ଧତି


୮.୦ - ଉପକ୍ରମ

୮.୧ - ଶୈକ୍ଷିକ ଉଦ୍ଦେଶ୍ୟ

୮.୨ - ପାଠ୍ୟ ଯୋଜନା ପ୍ରସ୍ତୁତିର ଗୁରୁତ୍ୱ

୮.୩ - ପାଠ ଯୋଜନା କ'ଣ ?

୮.୪ - ପାଠ ଯୋଜନା ର ଉପାଦାନ

୮.୪.୧ - କ'ଣ ଶିକ୍ଷାଦାନ କରିବା

୮.୪.୨ - କାହାକୁ ଶିକ୍ଷାଦାନ କରାଯିବ

୮.୪.୩ - ମୁଲ୍ୟାୟନ କ୍ରିୟାବିଧି

୮.୪.୪ - ପାଠଯୋଜନାର ସାଧନୀ

୮.୫ - ପାଠଗୁଚ୍ଛର ଯୋଜନା କରିବା

୮.୬ - ନମୁନା ପାଠଯୋଜନା

୮.୬.୧ - ତୁଳିକାର ଶ୍ରେଣୀଗୃହ

୮.୬.୨ - ସାତପୁରାର ଘଞ୍ଚ ଜଙ୍ଗଲ

୮.୬.୩ - ଅକ୍ଷର ଶିକ୍ଷାଦାନ (ବର୍ଣ୍ଣାନୁକ୍ରମିକ ପଦ୍ଧତି)

୮.୬.୪ - ରାଧାର ଶ୍ରେଣୀଗୃହ

୮.୬.୫ - ଗଳ୍ପ କଥନ କୌଶଳ

୮.୭ - ପ୍ରଚ୍ଛରପତ୍ର ଓ ବିଜ୍ଞାପନ

୮.୮ - ପାଠଯୋଜନା କିପରି ପ୍ରସ୍ତୁତ କରିବା ?

୮.୯ - ସାରାଂଶ

୮.୧୦ - ସହାୟକ ପୁସ୍ତିକା ଓ ପ୍ରବନ୍ଧ ସୂଚୀ

୮.୧୧ - ପାଠାନ୍ତ ପ୍ରଶ୍ନାବଳୀ



ଟିପ୍ପଣୀ

## ୮.୦ -ଉପକ୍ରମ

ପିଲାମାନଙ୍କୁ ଭାଷା ଶିକ୍ଷାଦାନ ଦେବାର ଅନେକ ଗୁଡ଼ିଏ ଉପାୟ ଅଛି । ସେଥି ମଧ୍ୟରୁ ପୂର୍ବରୁ ଆଲୋଚିତ କୌଶଳ ଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରକାର ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଶିକ୍ଷଣ, ପାଠ ବୁଝାଇସାରିବା ପରେ ସାରାଂଶ ନିର୍ଣ୍ଣୟ, ପିଲାମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନର ଉତ୍ତର ନିର୍ଣ୍ଣୟ କରିବାର ଶିକ୍ଷାଦାନ, ସମସ୍ୟା ସମାଧାନ ପଦ୍ଧତି, ସର୍ବେକ୍ଷଣ କାର୍ଯ୍ୟ ସମ୍ପାଦନ ଇତ୍ୟାଦି ଅର୍ନ୍ତଭୁକ୍ତ । ପ୍ରତ୍ୟେକ ଶୈଳୀ ଏକ ନିର୍ଦ୍ଦିଷ୍ଟ ଭାଷା ଶିକ୍ଷଣ ପଦ୍ଧତିର ପରିସର ଭୁକ୍ତ ଏବଂ ଯାହାର କିଛି ନିର୍ଦ୍ଦିଷ୍ଟ ନିୟମ ଅଛି । ମାତ୍ର କେତେକ ଶିକ୍ଷକ ଏପରି ଶୈଳୀରେ ଶିକ୍ଷାଦାନ କରିଥାନ୍ତି, ଯାହାକି କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଦାନ ପଦ୍ଧତି ଅର୍ନ୍ତଭୁକ୍ତ ନୁହେଁ । ଉଦାହରଣ ସ୍ୱରୂପ, ଆମେ ଅନୁଭବ କରିଛେ ଯେ କେତେକ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବିଷୟ ଶେଷରେ ଥିବା ପ୍ରଶ୍ନର ଉତ୍ତର ଡ଼ାକିଦିଅନ୍ତି ଓ ସେହି ଉତ୍ତରକୁ ଘୋଷି ମନେରଖିବା ପାଇଁ କହିଥାନ୍ତି, ଏହି ଆଶାରେ ଯେ ସେମାନେ ଏକକ ପରୀକ୍ଷା ଓ ବାର୍ଷିକ ପରୀକ୍ଷାରେ ଭଲ ନମ୍ବର ରଖି ପାଶ୍ କରିବେ । ଅନ୍ୟ କେତେକ ଶ୍ରେଣୀଗୃହରେ, ଭାଷା ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟ ବିଧିବଦ୍ଧ ଭାବରେ ପରିଚାଳିତ ହୁଏ । ଏଠାରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ଉପାୟରେ ଶିକ୍ଷାଦାନ କରିଥାନ୍ତି ଓ ଶିକ୍ଷାର୍ଥୀ ମାନେ ସେହି ଉପାୟକୁ ଅନୁକରଣ କରିବାକୁ ଆଶା କରନ୍ତି । ମାତ୍ର ଅନ୍ୟ କେତେକ ଶ୍ରେଣୀଗୃହରେ, ଶିକ୍ଷଣ ପ୍ରତିକ୍ରିୟା ସ୍ମରଣୀୟ କରିବା ପାଇଁ କେତେକ ଗୁଡ଼ିଏ ଅଭିନବ ଉପାୟରେ ଭାଷା ଶିକ୍ଷାଦାନ ଦିଆଯାଏ । ଯାହା ଫଳରେ ଶିକ୍ଷଣ ଚିରସ୍ଥାୟୀ ହୁଏ ଓ ଶିକ୍ଷାର୍ଥୀ ମାନଙ୍କର ଜ୍ଞାନ ସହିତ ଅନୁଭୂତିକୁ ଯୋଡ଼ିବାରେ ସାହାଯ୍ୟ କରେ । ଆମ୍ଭେମାନେ ଏକଥା ମଧ୍ୟ ଅନୁଭବ କରିଛେ ଯେ ଶିକ୍ଷାର୍ଥୀ ମାନେ ବିଦ୍ୟାଳୟ ପରିବେଶ ବାହାରେ, ସାମାଜିକ ପରିବେଶ ଓ  ପରିବାରରୁ ମଧ୍ୟ ବହୁତ କଥା ଶିଖିଥାନ୍ତି ।

ବର୍ତ୍ତମାନ ପ୍ରଶ୍ନ ଉଠେ ଯଦି ଯେକୌଣସି ଉପାୟରେ ସେମାନଙ୍କର ନିଜସ୍ୱ ଶୈଳୀରେ ବିନା ଯୋଜନାରେ ଅନୌପଚାରିକ ଭାବେ ଭଲଭାବେ ଭାଷା ଶିଖି ପାରନ୍ତି ତେବେ ଶିକ୍ଷକମାନଙ୍କୁ ଭାଷା ଶିକ୍ଷାଦାନର ପଦ୍ଧତି ସମ୍ବନ୍ଧରେ ପ୍ରଶିକ୍ଷଣ ଦେବା ଆବଶ୍ୟକ କ'ଣ ?

ଏକ ଔପଚାରିକ ପରିବେଶରେ ଯୋଜନାବଦ୍ଧ ଭାବେ ଭାଷା ଶିକ୍ଷଣ ଓ ଅନୌପଚାରିକ ଭାବେ ଏକ ସ୍ୱାଭାବିକ ପରିବେଶରେ ଭାଷା ଶିକ୍ଷଣ ଦୁଇଟି ଭିନ୍ନ ପରିସ୍ଥିତି । ଦୁଇଟିଯାକ ଉପାୟରେ ଭାଷା ଶିକ୍ଷଣର ଫଳାଫଳରେ ମଧ୍ୟ ଭିନ୍ନତା ଦେଖାଯାଏ ।

ବିଦ୍ୟାଳୟ ହେଉଛି ଏକ ଔପଚାରିକ ଶିକ୍ଷାନୁଷ୍ଠାନ ଯେଉଁଠାରେ ପରିବର୍ତ୍ତନଶୀଳ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ପୃଷ୍ଠ ଭୂମି ଓ ବିଭିନ୍ନ ଦକ୍ଷତା ସମ୍ପନ୍ନ ଶିକ୍ଷାର୍ଥୀ ମନେ ଏକାଠି ପଢ଼ନ୍ତି । ସେମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିର୍ଦ୍ଦିଷ୍ଟ ଶ୍ରେଣୀପାଇଁ ପ୍ରସ୍ତୁତ (ସିଲାବସ୍ ଅନୁସାରେ) ପାଠ ବହିକୁ ପଢ଼ନ୍ତି । ଏକ ଗଣତାନ୍ତ୍ରିକ ସମାଜ ହିସାବରେ ବିଭିନ୍ନ ପୃଷ୍ଠଭୂମିରୁ ଆସୁଥିବା ସମସ୍ତ ଶିକ୍ଷାର୍ଥୀମାନଙ୍କର ଯୋଜନାବଦ୍ଧ ଭାବେ ବିକାଶ କରିବା ଆମର ମୂଳ ଲକ୍ଷ୍ୟ । ଶିକ୍ଷାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷଣ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ କ'ଣ ଶିଖିବେ ଯେତିକି ଗୁରୁତ୍ୱପୂର୍ଣ୍ଣ କେଉଁ ପ୍ରଣାଳୀରେ ଶିକ୍ଷାଦାନ ଦିଆଯିବ ତାହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାର୍ଥୀମାନେ ଯାହା ଶିଖିବା ଆବଶ୍ୟକ ତାହା କେତେ ଭଲରେ ଶିଖିବେ ଏହି ଦିଗ ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ଶିକ୍ଷାର୍ଥୀର ଶିକ୍ଷଣକୁ ଆକଳନ

ଟିପ୍ପଣୀ

କରିବା ନିମିତ ଫଳପ୍ରଦ ମୂଲ୍ୟାୟନ ଓ କୌଶଳର ଆବଶ୍ୟକତା ରହିଛି । ବିଦ୍ୟାଳୟ ଶିକ୍ଷା ପିଲାମାନଙ୍କର କ୍ରମାନୟୀ ଶିକ୍ଷଣ ଓ ସ୍ୱମୂଲ୍ୟାୟନ ଏବଂ ବିଶ୍ଳେଷଣାତ୍ମକ ଦକ୍ଷତା ବିକାଶରେ ସାହାଯ୍ୟ କରିଥାଏ । ଅତଏବ ଆମେ ଅଧିକ ଫଳପ୍ରଦ ପ୍ରଣାଳୀ ଓ ଶ୍ରେଣୀ ଗୃହ ଶିକ୍ଷଣ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବା ନିହାତି ଆବଶ୍ୟକ ଯାହା ଗୋଟିଏ ପ୍ରଦତ୍ତ ପାଠ୍ୟକ୍ରମରୁ ଉପଯୁକ୍ତ ଗୃହରେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ନିମିତ୍ତ ଅତ୍ୟନ୍ତ ଉପଯୋଗୀ ହୋଇପାରିବ ।

ଏକ ନିର୍ଦ୍ଧିଷ୍ଟ ଶ୍ରେଣୀପାଇଁ ଗୋଟିଏ ଉପଯୋଗୀ ପାଠ୍ୟ ଯୋଜନା ପ୍ରସ୍ତୁତି କରିବା ସମୟରେ ଆମେ ମନେରଖିବା ଉଚିତ ଯେ ପିଲାମାନେ ଶ୍ରେଣୀ ଗୃହକୁ ଆସିବା ପୂର୍ବରୁ ସ୍ୱାଭାବିକ ଭାବରେ ଅନେକ ଅଭିଜ୍ଞତା ହାସଲକରି ଆସିଥାନ୍ତି । ତେଣୁ ଯୋଜନା ପ୍ରକ୍ରିୟା ପିଲାମାନଙ୍କର ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଶ୍ରେଣୀ ଗୃହ ପାଇଁ ପାଠ୍ୟ ଯୋଜନା ପ୍ରସ୍ତୁତ କରିବା ଉଚିତ ଯାହା ଫଳପ୍ରଦ ଶିକ୍ଷଣରେ ସହାୟକ ହେବ ।

ଉକ୍ତ ଅଧାୟରେ ଆମେ ଉଦାହରଣ ସ୍ୱରୂପ କେତେକ ଶିକ୍ଷାଦାନ ଶୈଳୀର ବିଶ୍ଳେଷଣ କରିବା ଏବଂ ନିଜସ୍ୱ ଆଦର୍ଶ ପାଠ ଯୋଜନା ପ୍ରସ୍ତୁତ କରିବା ।

## ୮.୧ -ଶୈକ୍ଷିକ ଉଦ୍ଦେଶ୍ୟ

ଏହି ଏକକଟିକୁ ପଢ଼ି ସାରିବା ପରେ, ଆପଣ :

- ପାରମ୍ପରିକ ଭାଷା ଶିକ୍ଷଣ ପଦ୍ଧତି ଗୁଡ଼ିକ କ'ଣ ଓ ସେ ଗୁଡ଼ିକରେ ଥିବା ତ୍ରୁଟି ସବୁ ଜାଣି ପାରିବେ ।
- ପାଠ ଯୋଜନା ପ୍ରସ୍ତୁତିର ଗୁରୁତ୍ୱ ବର୍ଣ୍ଣନା କରିପାରିବେ ।
- ପାଠ ଯୋଜନା କ'ଣ ଏବଂ ଆମ୍ଭେ କାହିଁକି ଶିକ୍ଷାଦାନ ଯୋଜନା ନକହି ବରଂ ପାଠ ଯୋଜନା କଥା କହୁଛେ ତାହା ବର୍ଣ୍ଣନା କରିପାରିବେ ।
- ଫଳପ୍ରଦ ପାଠ ଯୋଜନାର କାର୍ଯ୍ୟକାରିତା ଓ ମୂଲ୍ୟାୟନ ବିଷୟ ବୁଝିପାରିବେ ।
- ଏକ ପାଠ୍ୟଯୋଜନାରେ ଅନୁମୋଦିତ ପରିସର ଓ ସମ୍ଭାବ୍ୟ ନମନୀୟତା ବିଷୟରେ ବର୍ଣ୍ଣନା କରିପାରିବେ ।
- ଏକ ଫଳପ୍ରଦ ପାଠ ଯୋଜନା ପ୍ରସ୍ତୁତ କରିବା ପାଇଁ ସମର୍ଥ ହେବେ ।

## ୮.୨ - ପାଠ ଯୋଜନା ପ୍ରସ୍ତୁତିର ଗୁରୁତ୍ୱ

ଆମ୍ଭେମାନେ ବୁଝିବା ଦରକାର ଯେ ପାଠଯୋଜନା ଆମେ କାହିଁକି ପ୍ରସ୍ତୁତ କରିବା ଓ କିପରି ପ୍ରସ୍ତୁତ କରିବା ଯଦିଓ ପିଲାମାନଙ୍କୁ ଭାଷା ଶିକ୍ଷାଦାନ ଦେବାରେ ଆମେ ଅଧିକ ସମୟ ବିନିଯୋଗ କରିନଥାଉ । ପାଠ୍ୟକ୍ରମରେ ଭାଷା ଶିକ୍ଷଣ ନିମନ୍ତେ ଏକ ସ୍ୱତନ୍ତ୍ର ଶ୍ରେଣୀର ବ୍ୟବସ୍ଥା କାହିଁକି ରହିବା ଉଚିତ ଯଦି ପିଲାମାନଙ୍କର ସେମାନଙ୍କ ମାତୃଭାଷା ନିଜସ୍ୱ ଦୃଷ୍ଟିରେ ସ୍ୱାଭାବିକ ଭାବରେ ଶିଖିବାର ସାମର୍ଥ୍ୟ ଅଛି ? ପାଠ୍ୟ ଯୋଜନାରେ ଆବଶ୍ୟକତା କ'ଣ ? ଆମେ ଜାଣୁ ଯେ କେତେକ ଶିକ୍ଷକ ବିନା ପ୍ରସ୍ତୁତିରେ ଶ୍ରେଣୀକୁ ଯା'ନ୍ତି ଏବଂ ପ୍ରାୟତଃ ପିଲାମାନଙ୍କର ଆବଶ୍ୟକତା ଆଧାରରେ ସେମାନେ



ଟିପ୍ପଣୀ

ଉନ୍ନତମାନର ଶିକ୍ଷାଦାନ କରିଥାନ୍ତି । କାରଣ ସେହି ଶିକ୍ଷକ ମାନଙ୍କର ବିଷୟ ବସ୍ତୁ ଉପରେ ଗଭୀର ଅଧ୍ୟୟନ ଥାଏ ଓ ଶ୍ରେଣୀ ଗୃହରେ ଥିବା ବିଭିନ୍ନ ପ୍ରକାରର ପିଲାମାନଙ୍କ ସେମାନଙ୍କ ସ୍ପଷ୍ଟ ଧାରଣା ଥିବା ସହିତ ଭାଷା ଲକ୍ଷଣରେ ସେମାନଙ୍କ ପ୍ରତି ସମାନୁଭୂତି ଥାଏ । ଏହି ପ୍ରକାରର ଶିକ୍ଷକମାନେ ମାନସିକ ସ୍ତରରେ ଏକ ପାଠ୍ୟ ଯୋଜନା ପ୍ରସ୍ତୁତ କରିଥାନ୍ତି ଏବଂ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଆଧାରରେ ସେମାନେ ସେମାନଙ୍କର ବ୍ୟାଖ୍ୟାନ ଉପସ୍ଥାପନ କରନ୍ତି । ବିଦ୍ୟାଳୟ ଶିକ୍ଷାରେ କେତେକ ଗୁଣାବଳୀ ଥାଏ ଯାହା ସ୍ୱାଭାବିକ ପ୍ରକ୍ରିୟାରେ ଜ୍ଞାନ ଆହରଣ ଠାରୁ ଅଲଗା । ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ଶ୍ରେଣୀ ଗୃହରେ ଶିକ୍ଷାର୍ଥୀମାନଙ୍କୁ ଭାଷା ସଂପର୍କିତ ଦିଆଯାଉଥିବା ଜ୍ଞାନ ଏବଂ ବୃଦ୍ଧି କରାଯାଉଥିବା ଦକ୍ଷତା ଗୁଡ଼ିକ ଏକ କ୍ରମାନୟୀ ଓ ଗଠନାତ୍ମକ ପ୍ରକ୍ରିୟା ରେ ଘଟିଥାଏ ଏବଂ ଏହା ଅସଂଗଠିତ ଉପାୟରେ ଭାଷା ଆହରଣ ଠାରୁ ଭିନ୍ନ । ଏପରିକି ମାଆଟିଏ ତା'ଘରେ ତା'ପିଲାଙ୍କୁ ଯେଉଁ ଭଳି ଭାବେ ଭାଷା ଶିଖାଇ ଥାଏ ସେହି ମା ସେହି ପିଲାକୁ ବିଦ୍ୟାଳୟରେ ଭିନ୍ନ ଉପାୟରେ ଭାଷା ଶିକ୍ଷା ଦେଇଥାଏ । ଭାଷା ଏକ ଜଟିଳ ପ୍ରକ୍ରିୟା ଏବଂ ଏହାର ଔପଚାରିକତା ବିଭିନ୍ନ ପ୍ରକାରର ବାକ୍ୟଗଠନ ଏବଂ ଉପଯୁକ୍ତ ଶବ୍ଦ ଚୟନ ବିଭିନ୍ନ ପ୍ରସଂଗ ପରିପ୍ରେକ୍ଷୀରେ ଭିନ୍ନ ପ୍ରକାର ହୋଇଥାଏ । ତେଣୁ ବିଦ୍ୟାଳୟ ସ୍ତରରେ ଭାଷା ଶିକ୍ଷାଦାନ ନିଜର ଶିକ୍ଷକଙ୍କ ପକ୍ଷେ ଗଭୀର ଯୋଜନା ପ୍ରସ୍ତୁତି ଆବଶ୍ୟକ ।

ଘରେ ଭାଷା ଶିକ୍ଷଣ ଅନୁଭୂତି ମୂଳକ ଏବଂ ପିଲାଟି ଦ୍ୱାରା ଭାଷାର ବ୍ୟବହାରରେ ଭୁଲ ବା ଠିକ୍ ପାଇଁ ପିଲାଟି କେବେ ଉପହାସିତ ହୋଇନଥାଏ । ବିଦ୍ୟାଳୟରେ ଏପ୍ରକାର ନମନୀୟତାର ସୁଯୋଗ ନଥାଏ କାରଣ ବିଦ୍ୟାଳୟର ଶିକ୍ଷାର ମୁଖ୍ୟ ଲକ୍ଷ ହେଲା "ସଠିକ୍ତା ଓ ପରିପୂର୍ଣ୍ଣତା" । ମଣିଷ ଦ୍ୱାରା ବ୍ୟବହୃତ ହେଉଥିବା ଭାଷାର ଏକ ଅତ୍ୟନ୍ତ ଅତ୍ୟାବଶକୀୟ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ସ୍ତରରେ ଏବଂ ସାମାଜିକ ସ୍ତରରେ ଏହାର ଭିନ୍ନତା । ଯଦି ଜଣେ ଶିକ୍ଷାର୍ଥୀ ବାସ୍ତବରେ ଭାଷାରେ ପାରଦର୍ଶିତା ହାସଲ କରିବାକୁ ଥାଏ ତେବେ ସେ କେଉଁ ପରିପ୍ରେକ୍ଷୀରେ ଏବଂ କେଉଁମାନଙ୍କ ଉଦ୍ଦେଶ୍ୟରେ ଭାଷା ବ୍ୟବହାର କରୁଛି ସେ ବିଷୟରେ ସଚେତନ ହେବା ଆବଶ୍ୟକ । ତେଣୁ ଏଠାରେ ପାଠ୍ୟ ଯୋଜନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଅଟେ । ଶ୍ରେଣୀ ଗୃହର ବ୍ୟକ୍ତିଗତ, ସାମାଜିକ, ସାଂସ୍କୃତିକ ଓ ଭାଷାଗତ ଭିନ୍ନତାକୁ ଦୃଷ୍ଟିରେ ରଖି ପାଠ୍ୟ ଯୋଜନା ପ୍ରସ୍ତୁତ କରିବା କାର୍ଯ୍ୟ ଅଧିକ ଆହ୍ୱାନମୂଳକ ।

**ନିଜ ପ୍ରଗତିକୁ ପରଖି ଦେଖ - ୧**

୧. ଘରେ ଭାଷା ଶିକ୍ଷଣ ପାଇଁ ଦିଆ ଯାଉଥିବା ସୁଯୋଗ ତୁଳନାରେ ଶ୍ରେଣୀଗୃହରେ ଦିଆ ଯାଉଥିବା ସୁଯୋଗ ................ ।

କ. କମ୍     ଖ. ବେଶୀ     ଗ. ସମାନ     ଘ. ପର୍ଯ୍ୟାପ୍ତ ନୁହେଁ

୨. ଶିକ୍ଷାର୍ଥୀ ନିଜ ପରିବେଶରୁ ଜ୍ଞାନର ଆଧାର ନିର୍ମାଣ କରିଥାଏ । ପିଲାମାନଙ୍କ ଠାରେ ଦେଖିଥିବା ଏକ କାର୍ଯ୍ୟର ଉଦାହରଣ ନେଇ ଏହି କଥାର ସତ୍ୟତା ପ୍ରତିପାଦନ କର ।

..........................................................................................

..........................................................................................

..........................................................................................

ଟିପ୍ପଣୀ

୩. ଭାଷା ଶିକ୍ଷାଦାନ ସମୟରେ ଶ୍ରେଣୀଗୃହରେ ଯୋଜନା ଗୁରୁତ୍ୱପୂର୍ଣ୍ଣ କାହିଁକି ?

.....................................................................................

.....................................................................................

.....................................................................................

## ୮.୩. ପାଠ ଯୋଜନା କ'ଣ ?

ପାଠ ଯୋଜନା କ'ଣ ଜାଣିବା ପାଇଁ ଚାଲନ୍ତୁ ଏକ ଶ୍ରେଣୀଗୃହ ପରିସ୍ଥିତିକୁ ଲକ୍ଷ୍ୟ କରିବା :-

ରାଜସ୍ଥାନର କେଟ୍‌ଡ଼ା ବିଦ୍ୟାଳୟରେ ମହିମା ଦିଦି ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ପଢ଼ାନ୍ତି । ଶ୍ରେଣୀରେ ୨୫ ଜଣ ଶିକ୍ଷାର୍ଥୀ ଅଛନ୍ତି । ସେ NCERT ବହିର ପାଠ-୧୬ 'ଜାପାନ' ବିଷୟ ପଢ଼ାଇବା ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ । ବିଷୟଟି ଜାପାନ ଦେଶର ସଂସ୍କୃତି ଓ ପର୍ବପର୍ବାଣି ବିଷୟରେ ଆଧାରିତ । ସେ ଶ୍ରେଣୀଗୃହରେ ଉଚ୍ଚସ୍ୱରରେ ପଠନ କଲେ । ଶିକ୍ଷାର୍ଥୀମାନେ ମଧ୍ୟ ମହିମା ଦିଦିଙ୍କ ନିର୍ଦ୍ଦେଶ ଅନୁସାରେ ଆଙ୍ଗୁଳି ସାହାଯ୍ୟରେ ଧାଡ଼ି ଚିହ୍ନିଥିଲେ । ସେମାନେ ତାଙ୍କୁ ଧାଡ଼ି କି ଧାଡ଼ି ପଢ଼ିବାରେ ଅନୁକରଣ କରୁଥିଲେ । ସେ ଦୁଇଟି ଅନୁଚ୍ଛେଦ ପଢ଼ି ପଢ଼ା ବନ୍ଦ କଲେ ଓ ପିଲାମାନଙ୍କୁ ଜାପାନ ବିଷୟରେ କହିଲେ । ପିଲାମାନେ ତାଙ୍କୁ ଅବୁଝା ଭଳି ଚାହୁଁଥିଲେ, ମାତ୍ର ସେ ଏସବୁକୁ ଖାତିର ନକରି ପୂର୍ବ ପଦ୍ଧତିରେ ପଢ଼ାଇଲେ । ଜାପାନ ବିଷୟରେ ଅଳ୍ପ କିଛି କହି ସେ ଅବଶିଷ୍ଟ ଅନୁଚ୍ଛେଦଗୁଡ଼ିକୁ ବଡ଼ପାଟିରେ ପଢ଼ିଲେ । ସେଠାରେ କୌଣସି ଶିକ୍ଷଣ କାର୍ଯ୍ୟ ହେଉନଥିଲା । ସବୁ ଶିକ୍ଷାର୍ଥୀ ବସିଥିଲେ । ସେମାନେ ଅଲଗା ଅଲଗା ପ୍ରକାରରେ ଚିତ୍ର ତିଆରି ଆରମ୍ଭ କଲେ । କିଛି ଛାତ୍ର ପରିଚ୍ଛେଦ ସୂଚକ ରୂପରେ ଦିଆଯାଇଥିବା ଫୁଲଦାନୀର ଚିତ୍ର ତିଆରି କରୁଥିଲା ବେଳେ ଅନ୍ୟ କେତେକ ଖେଳନା ଆଦି ଚିତ୍ର ମଧ୍ୟ ତିଆରି କରୁଥିଲେ ।

ଏହି ଉପାୟରେ ଶ୍ରେଣୀରେ ଶିକ୍ଷାଦାନ ପରେ, ସେ ଠିଆ ହେଲେ ଏବଂ କଠିନ ଶବ୍ଦ ଓ ଏହାର ଅର୍ଥକୁ ଲେଖିବା ପାଇଁ କଳାପଟା ଆଡ଼କୁ ଗଲେ । ଶିକ୍ଷାର୍ଥୀମାନେ ସେହି ଶବ୍ଦକୁ ନକଲ କରିବା ଆରମ୍ଭ କରିଦେଇଥିଲେ । ଶ୍ରେଣୀ ଛାଡ଼ିବା ପୂର୍ବରୁ ମହିମା ଦିଦି ପରଦିନ ସେହି ଏକକର ପରୀକ୍ଷା ନିମନ୍ତେ ଘୋଷଣା କଲେ । ପରୀକ୍ଷାଟି କଠିନ ଶବ୍ଦ ଏବଂ ସେଗୁଡ଼ିକର ଅର୍ଥ ଉପରେ ହେବ ବୋଲି କହିଲେ । ସେ ପୂରା ସ୍ପଷ୍ଟ ଭାବରେ ଶିକ୍ଷାର୍ଥୀମାନଙ୍କୁ ସେହି ଶବ୍ଦର ଅର୍ଥ ଶିଖିବାକୁ ନିର୍ଦ୍ଦେଶ ଦେଇଥିଲେ, ଯଦି ସେମାନେ ସଫଳ ହେବାକୁ ଚାହୁଁଛନ୍ତି ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ - ୨**

ଯଦି ତୁମେ ମହିମାର ଶିକ୍ଷାଦାନ ପ୍ରଣାଳୀକୁ ନିମ୍ନକ୍ତ ବୈଶିଷ୍ଟ୍ୟ ଭିତ୍ତିରେ ଆକଳନ କରିବାକୁ ଚାହୁଁଛ ତେବେ ୧୦ ରୁ ତୁମେ ପ୍ରତି ବୈଶିଷ୍ଟ୍ୟ ଉପରେ କେତେ ନମ୍ବର ଦେବ ।

- ଶ୍ରେଣୀଗୃହରେ ଅଂଶଗ୍ରହଣ
- ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷାଦାନ
- ପାଠ୍ୟପୁସ୍ତକକୁ ପ୍ରସଙ୍ଗ ସହିତ ସମ୍ପର୍କିତ କରିବା
- ଶିକ୍ଷାଦାନ ପ୍ରସ୍ତୁତି
- ବିଷୟବସ୍ତୁକୁ ବୁଝିବା
- ସ୍ୱଶିକ୍ଷଣ ପାଇଁ ପିଲାମାନଙ୍କୁ ସୁଯୋଗ ଦିଆଯିବା

## ୮.୪ ପାଠ ଯୋଜନାର ବିଭିନ୍ନ ଉପାଦାନ

**ରଘୁ ନିଜର ପାଠଯୋଜନାକୁ ଫଳପ୍ରଦ କରିବା ପାଇଁ ପ୍ରସ୍ତୁତ କରିଥିବା ତାଲିକା ଉପରେ ଆସନ୍ତୁ ନଜର ପକାଇବା ।**

୧. କ'ଣ ଶିକ୍ଷାଦାନ କରିବା ?

୨. ପ୍ରସଙ୍ଗ ଶିକ୍ଷାଦାନ ନିମିତ୍ତ ନିଜକୁ କିପରି ପ୍ରସ୍ତୁତ କରିବା ?

୩. କିପରି ପ୍ରସଙ୍ଗ ଶିକ୍ଷାଦାନ କରିବା ?

୪. ସେ କି ପ୍ରକାର ଶିକ୍ଷାଦାନ ସାମଗ୍ରୀ ବ୍ୟବହାର କରନ୍ତି ?

୫. ଶିକ୍ଷାର୍ଥୀ ମାନେ ଶିଖିଛନ୍ତି କି ନାହିଁ କିପରି ପରିମାପ କରିବା ?

୬. ଯଦି ମୂଲ୍ୟାୟନ ସ୍ତରରେ ଯୋଜନାର କୌଣସି ସଫଳତାର ସୂଚନା ନମିଳିଲା ତେବେ କ'ଣ ବିକଳ୍ପ ଉପାୟ ସମ୍ଭବ ହୋଇପାରିବ ?

ପାଠଯୋଜନା କିପରି ଆରମ୍ଭ କରାଯିବ ସେ ବିଷୟରେ ଏହା ଏକ ଅସଂପୂର୍ଣ୍ଣ ରେଖାଚିତ୍ର । ଆପଣଙ୍କ ପାଖରେ କିଛି ଅଛିକି ଯାହା ଆପଣ ଏଥିରେ ଯୋଡିପାରିବେ ? ଫଳତଃ ଆମେ ଏହାକୁ ଅଧିକ ମାର୍ଜିତ କରିପାରିବା ।

### ୮.୪.୧ କ'ଣ ଶିକ୍ଷା ଦିଆଯିବ

ପାଠ୍ୟପୁସ୍ତକ ପ୍ରସ୍ତୁତକାରୀ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବା ସମୟରେ ଏକ ନିର୍ଦ୍ଦିଷ୍ଟ ବୟସର ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପ୍ରତ୍ୟାଶାକୁ ଧ୍ୟାନ ଦେଇଥାନ୍ତି । ପାଠ୍ୟ ପୁସ୍ତକର ବିଷୟବସ୍ତୁ ଆମ ହାତରେ ନଥାଏ, ମାତ୍ର କିପରି ଓ କ'ଣ ବିସ୍ତାର କରାଯିବ ତାହା ଆମେ ନିଶ୍ଚିତ କରିଥାଉ । ଆମକୁ ମଧ୍ୟ ଶିକ୍ଷାର୍ଥୀମାନଙ୍କର ଦକ୍ଷତାର ସ୍ତର ଜାଣିବାକୁ ହେବ ଯାହା ଫଳରେ ଆମର କ'ଣ ଶିକ୍ଷା ଦିଆଯିବ ଓ କିପରି ଶିକ୍ଷା ଦିଆଯିବ ସେ ସଂପର୍କିତ ଉପଯୋଗୀ ନିଷ୍ପତ୍ତି ଆମେ ନେଇପାରିବୁ । ନିମ୍ନ ଶ୍ରେଣୀମାନଙ୍କରେ

ଟିପ୍ପଣୀ

ଶିକ୍ଷକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ଚୟନ କରିବାର ଦାୟିତ୍ୱ ଦିଆଯାଇଥାଏ । ଜଣେ ଶିକ୍ଷକ ହିସାବରେ ଆମକୁ ଆମ ଶିକ୍ଷାର୍ଥୀ ମାନଙ୍କର ସାମର୍ଥ୍ୟକୁ ଉତ୍ତମ ରୂପେ ବୁଝିବାକୁ ହେବ ଯାହାଫଳରେ ଆମେ ସେମାନଙ୍କ ନିମିତ୍ତ ସର୍ବୋତ୍ତମ ପୁସ୍ତକ ଚୟନ କରି ପାରିବା ଏବଂ ସେଥିରୁ କ'ଣ ବିସ୍ତାର ଭାବରେ ପଢ଼ାଇବା ନିଶ୍ଚିତ କରିପାରିବା । ଯଦି ଏକ ପୁସ୍ତକରେ ୨୦ ଟି ଅଧ୍ୟାୟ ଥାଏ ତେବେ ଏହାର ଅର୍ଥ ନୁହେଁ ଆମେ ୨୦ ଟି ଯାକ ଅଧ୍ୟାୟ ପଢ଼ାଇବା । ଆମକୁ ଏହା ଠାରୁ କମ୍ କିମ୍ବା ଅଧିକ ପଢ଼ାଇବାକୁ ପଡ଼ିପାରେ । ମନେ କରାଯାଉ ଆମେ ୨୦ ଟି ଅଧ୍ୟାୟରୁ ୧୨ ଟି ଅଧ୍ୟାୟ ପଢ଼େଇବାକୁ ନିଷ୍ପତ୍ତି ନେଲେ । ଆମେ ଜାଣିବା ଦରକାର କେଉଁ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆରମ୍ଭରୁ ଯୋଜନା ନକଲେ ଆମେ ଜାଣିପାରିବା ନାହିଁ କେଉଁ ୧୨ ଟି ଅଧ୍ୟାୟ ଶିକ୍ଷାର୍ଥୀମାନଙ୍କର ନିରନ୍ତର ବିକାଶ ନିମିତ୍ତ ଆବଶ୍ୟକ । ଆମକୁ ମଧ୍ୟ ପ୍ରକୃତ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳ ଜାଣିବାକୁ ପଡ଼ିବ । ପରିଶେଷରେ କ'ଣ ଶିକ୍ଷା ଦିଆଯିବ ତାହା ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳର ସଫଳତା ଉପରେ ନିର୍ଭର କରେ ।

### ୮.୪.୨ କାହାକୁ ଶିକ୍ଷା ଦିଆଯିବ

ଆମେ ଆମ ଶିକ୍ଷାର୍ଥୀମାନଙ୍କୁ ସଠିକ୍ ଭାବରେ ବୁଝିପାରିଲେ ହିଁ ଏକ ଫଳପ୍ରଦ ପାଠ ଯୋଜନା ପ୍ରସ୍ତୁତ କରିପାରିବା । ଏଥି ନିମିତ୍ତ ଶିକ୍ଷାର୍ଥୀମାନଙ୍କର ଗୁଣାବଳୀ ଓ ଶିକ୍ଷଣସ୍ତର ବୁଝିବାକୁ ହେବ । ଶିକ୍ଷାର୍ଥୀ ଶ୍ରେଣୀଗୃହରେ ନାମଲେଖାଇବା ପୂର୍ବରୁ କ'ଣ ଜାଣିଛି ଏବଂ ସେ କ'ଣ ଜାଣିବା ଆବଶ୍ୟକ ନିଶ୍ଚିତ କରାଯିବ । ଆମେ ଯଦି ପିଲାଙ୍କୁ କୌଣସି ଜିନିଷ ଶିକ୍ଷାଦାନ ଦେବା ଯାହା ସେ ପୂର୍ବରୁ ଜାଣିଛି ଏବଂ ଯାହା ତା ମନରେ ଅନୁକଳ୍ପନା ରୂପେ ବସା ବାନ୍ଧିଛି ତାହା ହେଲେ ଗୋଟିଏ ପରେ ଗୋଟିଏ ପାଠଦାନ ଅତିକ୍ରମ କଲେ ମଧ୍ୟ ପିଲାଟି କିଛି ଶିଖିପାରିବ ନାହିଁ । ଶିକ୍ଷାଦାନ ପ୍ରସଂଗ ସମ୍ବନ୍ଧରେ ପୂର୍ବରୁ ଆମର ସ୍ପଷ୍ଟଧାରଣା ଏବଂ ତାହାର ଶୈକ୍ଷିକ ଉଦ୍ଦେଶ୍ୟ ମଧ୍ୟ ଆମ ପାଖେ ରହିବା ଆବଶ୍ୟକ । ଆମେ କାହାକୁ ପଢ଼େଇବାକୁ ଯାଉଛେ ନଜାଣି ଯଦି କୌଣସି ପଦକ୍ଷେପ ନେବା, ପାଠ୍ୟପୁସ୍ତକର ନିର୍ବାଚନ, ପାଠ୍ୟପୁସ୍ତକକୁ ସମାପ୍ତ କରିବାକୁ ବିନିଯୁକ୍ତ ସମୟ, ଶ୍ରେଣୀଗୃହରେ କରାଯାଇଥିବା ଶିକ୍ଷଣ କାର୍ଯ୍ୟଗୁଡ଼ିକ ପାଇଁ ବିନିଯୋଗ କରାଯାଇଥିବା ସମୟ ଆଦି ବୃଥା ଯିବ । ଦ୍ୱିତୀୟତଃ ଆମେ ଜାଣିବା ଉଚିତ୍ ପଢ଼ାଯିବାକୁ ଥିବା ପ୍ରସଂଗଟି ବିଷୟରେ ପିଲାର କେତେ ପୂର୍ବ ଅଭିଜ୍ଞତା ଅଛି । ଉଦାହରଣ ସ୍ୱରୂପ ଯଦି ପ୍ରସଂଗ ହେଉଛି ଦୀପାବଳୀ ଉତ୍ସବପାଳନ, ଆମେ ପ୍ରଥମେ ଜାଣିବା କଥା ଯେ ଦୀପାବଳୀ ବିଷୟରେ ପିଲାର କ'ଣ ଧାରଣା ଅଛି । ଏବଂ ତା ପରେହିଁ ଦୀପାବଳୀ ବିଷୟରେ ପଢ଼ାଇବା ମାଧ୍ୟମରେ ଆମେ ପିଲାଙ୍କୁ ଭାଷାର ବ୍ୟବହାର ବିଷୟରେ ଶିଖାଇବା । ଆମେ ଆହୁରି ଜାଣିବା ଆବଶ୍ୟକ ଯେ ଆମେ ପିଲାକୁ ଶ୍ରେଣୀଗୃହରେ ଯେଉଁ ଭାଷା ଶିଖାଉଛେ ତାହା ପିଲାର ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟଭାଷା । ଉଦାହରଣ ସ୍ୱରୂପ - ଘରେ ଏବଂ ତା ପରିବେଶରେ ଓଡ଼ିଆ କହୁଥିବା ପିଲା ବିଦ୍ୟାଳୟରେ ହିନ୍ଦୀକୁ ପ୍ରଥମ ଭାଷା ହିସାବରେ ନେବାକୁ ପସନ୍ଦ କରେ ଯେଉଁଠାରେ ବିଦ୍ୟାଳୟରେ ୯୦ % ହିନ୍ଦୀ କହୁଥିବା ପିଲା ଥାନ୍ତି । ଏ କ୍ଷେତ୍ରରେ ଶିକ୍ଷକ ଜାଣିବା ଆବଶ୍ୟକ ଯେ ପିଲାଟି ଯେଉଁଭାଷାକୁ ପ୍ରଥମଭାଷା ଭାବେ ବିଦ୍ୟାଳୟରେ ପଢ଼ିଲା ତାହା ତା ପାଇଁ ପ୍ରକୃତରେ ଦ୍ୱିତୀୟ କିମ୍ବା ତୃତୀୟ ଭାଷା । ଶ୍ରେଣୀଗୃହରେ ଏପରି ଗୋଟିଏ କିମ୍ବା କିଛି ସଂଖ୍ୟକ ଶିକ୍ଷାର୍ଥୀ ଥାଇପାରନ୍ତି । ଏପରି ଶିକ୍ଷାର୍ଥୀଙ୍କୁ ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ଏଭଳି ଶିକ୍ଷାର୍ଥୀ ତାଙ୍କର ପ୍ରଥମଭାଷାକୁ ବିଦ୍ୟାଳୟ ବା ଶ୍ରେଣୀଗୃହରେ ପ୍ରାଥମିକ ସ୍ତରରେ ବ୍ୟବହାର କରିବାପାଇଁ ସୁଯୋଗ ପାଇବା ଆବଶ୍ୟକ ।

### ୮.୪.୩ ଶିକ୍ଷଣ ଆକଳନ

ଆମେ ପିଲାମାନଙ୍କର ନିରନ୍ତର ଆକଳନରେ ସତର୍କତା ଅବଲମ୍ବନ କରିବା ଦରକାର ଯଦ୍ଵାରା ଆମେ ଶ୍ରେଣୀରେ ଅଂଶଗ୍ରହଣ ପ୍ରତିକ୍ରିୟା ଏବଂ ନିର୍ଦ୍ଦିଷ୍ଟ ପାଠ ପ୍ରତି ସେମାନଙ୍କର ଜାଣିବାର ଆଗ୍ରହ ଏବଂ ଫଳାଫଳ ଦ୍ଵାରା ସେମାନଙ୍କର ଶିକ୍ଷଣର ସ୍ଥିତିକୁ ସୁନିଶ୍ଚିତ କରିପାରିବା । ଯଦି ଆମେ ଶ୍ରେଣୀ ଶିକ୍ଷାଦାନ ଫଳପ୍ରଦ ନହେବାର ଅନୁଭବ କରିବା ତାପରେ ଶିକ୍ଷାଦାନ ବନ୍ଦ କରି ଯୋଜନାଟିକୁ ପାଇଁ ଅଧିକ କୌତୁହଳପୂର୍ଣ୍ଣ କରିବା ପାଇଁ ଏଥିରେ ଆବଶ୍ୟକୀୟ ସମଯୋଜନା କରିବା ଦରକାର ।

ଯେମିତିକି ଏହା ଶ୍ରେଣୀରେ ଅଂଶଗ୍ରହଣ ଏବଂ ପିଲାମାନଙ୍କର ଶ୍ରେଣୀରେ ସଂପୃକ୍ତି ଲଗାତର ସକରାତ୍ମକ ଗୁଣ ସହିତ ଶିକ୍ଷାଦାନ ଅଗ୍ରଗତି ସୃଷ୍ଟି ଭାବେ ପ୍ରମାଣିତ ହେବ । ଏଥିପାଇଁ ନିରବଚ୍ଛିନ୍ନ ମୂଲ୍ୟାୟନ ଆବଶ୍ୟକ । ସମୟ ସମୟରେ ଶିକ୍ଷକ ଅନୁଭବ କରନ୍ତି ଯେ ସେ ବାସ୍ତବରେ ପିଲାମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ଶିକ୍ଷଣ କାର୍ଯ୍ୟରେ ନିଯୁକ୍ତି କରିପାରିବେ । ଯାହାକି ବାସ୍ତବରେ ତାହା ହୋଇନପାରେ । ତାହା ସେତେବେଳେ ହୁଏ ଯେତେବେଳେ ଆପଣ କାର୍ଯ୍ୟକ୍ରମ ପାଇଁ ସଠିକ୍ ଭାବେ ଆଗୁଆ ଯୋଜନା ପ୍ରସ୍ତୁତ କରିନଥାନ୍ତି । ଆମେ ଯୋଜନା କରିଥିବା ଅନୁସାରେ ପ୍ରତ୍ୟେକ ପାଠ ଯୋଜନାକୁ ସମାପ୍ତ କରି ଅଗ୍ରସର ହେବାର ଆବଶ୍ୟକତା ନାହିଁ । ବରଂ ପିଲାମାନେ ସେମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ଦ୍ଵାରା କିପରି ସଠିକ୍ ଭାବେ ଅଗ୍ରଗତି କରୁଛନ୍ତି ସେପରି ଭାବେ ଆମେ ଆମର ଯୋଜନା ସହ ଅଗ୍ରଗତି କରିବା ଆବଶ୍ୟକ । ଏହା ନିରବଚ୍ଛିନ୍ନ ମୂଲ୍ୟାୟନ ଦ୍ଵାରା ହିଁ ସମ୍ଭବ । ସେଥିପାଇଁ ଆମର ଆମର ଯୋଜନରେ ସମାପ୍ତ ନମନୀୟତାକୁ ସୁନିଶ୍ଚିତ କରିବା ଆବଶ୍ୟକ ଏବଂ ଏହା ଯେପରି ନିରବଚ୍ଛିନ୍ନ ମୁଲ୍ୟାୟନ ଦ୍ଵାରା ସମଯୋଜନ ହୋଇପାରିବ ତାହା ମଧ୍ୟ ସୁନିଶ୍ଚିତ କରିବା ଦରକାର ।

### କିପରି ପଢ଼ାଇବା

ଗୋଟିଏ ଯୋଜନା କରିବାକୁ ହେଲେ ଆମକୁ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ପିଲାମାନଙ୍କ ପାଇଁ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ସଠିକ୍ ଧାରା କ'ଣ ହେବ ତାହା ଆମକୁ ଅବଶ୍ୟ ଦର୍ଶାଇବାକୁ ପଡିବ । ଉଦାହରଣ ସ୍ଵରୂପ ଆମକୁ ସ୍ଥିର କରିବାକୁ ପଡିବ ଯେ ଆମେ ଶ୍ରେଣୀର ପିଲାଙ୍କୁ ୫ରୁ ୧୦ ପିଲାଙ୍କ ଛୋଟଛୋଟ ଦଳରେ ଭାଗ କରିବା ନା କାର୍ଯ୍ୟଫର୍ଦ୍ଦ ପ୍ରଣାଳୀ ଅବଲମ୍ବନ କରିବା । ତେଣୁ ଏମିତି ହୋଇଥାଏ ଯେ ଯୋଜନା ଅନୁସାରେ ଶ୍ରେଣୀ ପରିଚାଳିତ ହୋଇନପାରେ କାରଣ ଉତ୍କୃଷ୍ଟ ଶିକ୍ଷାଦାନ ପାଇଁ ଶ୍ରେଣୀ କାର୍ଯ୍ୟ ଆଶା କରାଯାଉଥିବା ସମୟ ଠାରୁ ଅଧିକ ଆବଶ୍ୟକ କିମ୍ବା ଶିକ୍ଷକ ତଥ୍ୟ ବୁଝାଇବା ପାଇଁ ଅଧିକ ସମୟ ନେଇପାରନ୍ତି । ସେହି ପରିସ୍ଥିତିରେ ଶିକ୍ଷକ ପରବର୍ତ୍ତୀ ଶ୍ରେଣୀକୁ ପରିଚାଳିତ କରିବା ପାଇଁ ସେହି ବିଷୟକୁ ପଢାଇବା ପାଇଁ ବା ଅନ୍ୟ ବିଷୟ ପାଇଁ ଏପରି ଉପାୟ କରିବେ ଯେପରି ସମ୍ପୂର୍ଣ୍ଣ ପାଠ୍ୟକ୍ରମ ସମାପ୍ତ ହେବାରେ ବାଧା ନଉପୁଜେ ।

ଶିକ୍ଷାଦାନ ଧାରଣା ସହ ଶ୍ରେଣୀ କାର୍ଯ୍ୟଗୁଡ଼ିକୁ ସଂଯୋଗ କରିବା ପାଇଁ ଅନେକ ଅଭିନବ ଉପାୟମାନ କରାଯାଇପାରିବ । ଏଥି ନିମିତ୍ତ ଶ୍ରେଣୀରେ ପରିଚାଳନା କରିବାକୁ ଥିବା ବିଷୟ ସମ୍ପର୍କରେ ଶିକ୍ଷକଙ୍କ ସ୍ପଷ୍ଟ ଧାରଣା ଓ ଏହି ଧାରଣାର ସ୍ପଷ୍ଟତାକୁ ପ୍ରତିପାଦିତ କରିବାରେ ସହାୟକ ଦଳଗତ ଓ ବ୍ୟକ୍ତିଗତ କାର୍ଯ୍ୟର ଆଗୁଆ ଯୋଜନା ଏଥି ନିମିତ୍ତ ଆବଶ୍ୟକତା ଅଟେ । ଯଦିଓ କଷ୍ଟ ତଥାପି ଯୋଜନାଟି କାର୍ଯ୍ୟକାରୀ ହେଉଥିବା ସମୟରେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ଅନ୍ତର୍ନିହିତ ନିୟମିତତା ଦରକାର ।



ଟିପ୍ପଣୀ

ଶିକ୍ଷାଦାନ ଆରମ୍ଭ କରିବା ସମୟରେ ଆମକୁ ସମସ୍ତ ଶିକ୍ଷାଦାନ ସାମଗ୍ରୀକୁ ପ୍ରସ୍ତୁତ କରି ରଖିବାକୁ ପଡିବ । କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣ ସାମଗ୍ରୀ ମଧ୍ୟରେ ପାଠଯୋଜନା, କାର୍ଯ୍ୟଫର୍ଦ୍ଦ, ଚାର୍ଟ, ଚିତ୍ରକାର୍ଡ, ଅଭ୍ୟାସ ପୁସ୍ତିକା ଆଦି ଅନ୍ତର୍ଭୁକ୍ତ । ଭାଷା ସାମଗ୍ରୀ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏଗୁଡିକ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତିରେ, ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଉଦାହରଣ ସ୍ୱରୂପ ଶବ୍ଦ ଛବି କାର୍ଡ ଗୁଡିକ ବା ଏପରିକି ଅକ୍ଷରକାର୍ଡ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ଶ୍ରେଣୀର ଆବଶ୍ୟକତା ଅନୁସାରେ । ଆବଶ୍ୟକ ସମୟରେ ସାମଗ୍ରୀ ଗୁଡିକୁ ସାମାନ୍ୟ ପରିବର୍ତ୍ତନ,ସଂଯୋଗ ଓ ଅଭିନବ ଉପାୟ ସହିତ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିବା ନିମିତ୍ତ ସାଇତି କରି ରଖାଯାଇପାରିବ । ସମ୍ଭବତଃ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଷା ସମ୍ପତ୍ତି ହେଉଛି ବହିର ବିଷୟ ବସ୍ତୁ ଯେଉଁଥିରେ ଶିକ୍ଷକ ତାଙ୍କର ସମସ୍ତ ଶିକ୍ଷାଦାନ ଯୋଜନା ପ୍ରସ୍ତୁତ କରିଥାନ୍ତି ।

**ନିଜ ପ୍ରଗତି ପରଖି ଦେଖ :- ୩**

୧. ଶିକ୍ଷାର୍ଥୀର ଶିକ୍ଷଣପଥ ପ୍ରାଥମିକ ଭାବେ କାହା ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ :-

କ. ଶିକ୍ଷକ　　ଖ.ପିତାମାତା　　ଗ. ପିଲାନିଜେ ଘ. ପାଠ୍ୟକ୍ରମ ପ୍ରସ୍ତୁତକାରୀ

୨. ଶ୍ରେଣୀର ଆକାର ଏବଂ ଆପଣଙ୍କ ଶ୍ରେଣୀରେ ଉପସ୍ଥିତଥିବା ପିଲାଙ୍କ ପରିବର୍ତ୍ତିତ ମାନଦଣ୍ଡ ଜାଣିବା ଆପଣଙ୍କପାଇଁ ଏହା କିପରି ଗୁରୁତ୍ୱପୂର୍ଣ୍ଣ ?

....................................................................................

....................................................................................

....................................................................................

୩. ପାଠ ଯୋଜନାରେ "ନମନୀୟତା" କ'ଣ ସୂଚୀତ କରେ ?

....................................................................................

....................................................................................

....................................................................................

୪. ବିଶେଷତଃ ପ୍ରାଥମିକ ଶ୍ରେଣୀରେ ପିଲାମାନଙ୍କର ସ୍ତର ଅନୁଯାଇ ଆମେ ଭାଷା ବ୍ୟବହାର କରିବା କାହିଁକି ?

....................................................................................

....................................................................................

....................................................................................



ଟିପ୍ପଣୀ

### ୮.୫ କେତେ ଆଗୁଆ ଯୋଜନା କରିବା

ଅଧିକାଂଶ ସମୟ ବିଦ୍ୟାଳୟ ଗୁଡିକ ଶିକ୍ଷକ ବିସ୍ତୃତ ପାଠଯୋଜନା ପ୍ରସ୍ତୁତ କରିବା ଏବଂ ସେମାନଙ୍କର ବାର୍ଷିକ ଡାଏରୀ ଠିକ୍ ଭାବେ ସଂପୂର୍ଣ୍ଣ କରିବା ନିଶ୍ଚିତ କରାଇଥାନ୍ତି । ଆଶାରଖିଥାନ୍ତି ଏହା ଦ୍ୱାରା ବିଦ୍ୟାଳୟର ଶିକ୍ଷଣ ଅଗ୍ରଗତି ଏବଂ ପ୍ରଶାସନ ଠିକ୍ ଭାବେ ଚାଲିବ । ତେବେ ଏହାଦ୍ୱାରା ଶିକ୍ଷକ ଅଗ୍ରଗତି ଏବଂ ପ୍ରଶାସନ ଠିକ୍ ଭାବେ ଚାଲିବ ଏହାଦ୍ୱାରା ଶିକ୍ଷକ କଠିନ ପରିଶ୍ରମ କରିବା ନିଶ୍ଚିତ । ତେବେ ଏହା ଫଳପ୍ରଦ ଶିକ୍ଷଣକୁ ନିଶ୍ଚିତ କରାଇନଥାଏ । ଏହି ପରିପ୍ରେକ୍ଷିରେ ଶିକ୍ଷକଙ୍କଦ୍ୱାରା ପ୍ରସ୍ତୁତ ଦୈନିକ ବା ସାପ୍ତାହିକ ଅଗ୍ରଗତି ପୁସ୍ତିକା ଉପରେ ଗୁରୁତ୍ୱ ଦିଆଯାଏ ଏବଂ ଶିକ୍ଷକ ଗୋଟିଏ ଦିନରେ ନେଉଥିବା କେତୋଟି କ୍ଲାସ ଉପରେ ଗୁରୁତ୍ୱ ଦିଆଯାଏ । କିନ୍ତୁ ଏହାଦ୍ୱାରା ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ସମସ୍ତ କାର୍ଯ୍ୟ ବ୍ୟର୍ଥ ହୋଇଥାଏ ଯଦି ନିର୍ଦ୍ଦିଷ୍ଟ ଶୈକ୍ଷିକ ଉଦ୍ଦେଶ୍ୟ ଗୁଡିକ ହାସଲ ନହୁଏ । ଏପରି ବ୍ୟବସ୍ଥା ଶିକ୍ଷାର୍ଥୀ ମାନଙ୍କର ମୌଳିକ ଦକ୍ଷତାଗୁଡିକ ବୃଦ୍ଧି କରିବାରେ ସାହାଯ୍ୟ କରିନଥାଏ । ବରଂ ଏହା ପିଲାମାନଙ୍କ ପାଇଁ ପାଠ୍ୟ ପୁସ୍ତକ ପ୍ରସ୍ତୁତକାରୀ ଓ ଶିକ୍ଷକମାନଙ୍କ ଦ୍ୱାରା ସ୍ଥିରିକୃତ ହୋଇଥିବା ଉପାୟରେ ପାଠ୍ୟ ପ୍ରସଙ୍ଗ ଗୁଡିକର ସମାପ୍ତି କରିବାକୁ ନିଶ୍ଚିତ କରିଥାଏ । ଏହା ମଧ୍ୟ ଦେଖା ଯାଇଛି ଯେ ଏଭଳି ବ୍ୟବସ୍ଥା ଅଭିନବ ଉପାୟରେ ଶିକ୍ଷଣ ପ୍ରକ୍ରିୟାକୁ ପିଲାମାନଙ୍କ ପାଇଁ ଫଳପ୍ରଦ କରିବାରେ ସହାୟକ ହୋଇନଥାଏ । ପିଲାଟିଏ ଭାଷା ତା ନିଜସ୍ୱ ଢଙ୍ଗରେ ଶିଖେ ଏହି ନିୟମକୁ ଏପରି ବ୍ୟବସ୍ଥା ଉଲଙ୍ଘନ କରିଥାଏ ।

କେତେ ଶୀଘ୍ର ଗୋଟିଏ ପାଠ ଯୋଜନା କରିହେବ ? ଏହାର କୌଣସି ସଂପୂର୍ଣ୍ଣ ଉତ୍ତର ନାହିଁ । କାରଣ ଶିକ୍ଷଣ ହେଉଛି ଅତ୍ୟନ୍ତ ତରଳ ଅବସ୍ଥା କିମ୍ବା ଚଳନଶୀଳ ପ୍ରକ୍ରିୟା । ପିଲାମାନଙ୍କର ମାନସିକ ସ୍ତର, ସେମାନଙ୍କର ଉତ୍କଣ୍ଠା, ଓ ସେମାନଙ୍କର ଅଂଶଗ୍ରହଣ ତଥା ନୂତନତା ସୃଷ୍ଟି କରିବାର ସ୍ତର, ଆହ୍ୱାନ ମୂଳକ କାର୍ଯ୍ୟ, ଓ ଧାରଣାଶୀଳ ସ୍ୱଷ୍ଟତାକୁ ଜଣେ ଶିକ୍ଷକ ଏକକାଳୀନ ଦୃଷ୍ଟିରେ ରଖିବା ଆବଶ୍ୟକ । ଏସବୁ ରୁ ବଞ୍ଚିତ ଏକ ପାଠ ଯୋଜନାରେ ଅନୁସନ୍ଧାନର ପର୍ଯ୍ୟାପ୍ତତା ଅଭାବ ଥାଏ । ପିଲାଟିଏ ଯାହା ପଚାରିବାକୁ ଚାହୁଁଛି ତାହା ପଚାରିପାରିବ ଏବଂ ତାହାର ଉତ୍ତର ପାଇବାର ବ୍ୟବସ୍ଥା ଯୋଜନାରେ ପର୍ଯ୍ୟାପ୍ତ ଭାବେ ରହିବା ଆବଶ୍ୟକ । ଶିକ୍ଷାର୍ଥୀ ତାର ଚିନ୍ତନକୁ ପ୍ରକାଶ କରିବା ଏବଂ ତାର ଦ୍ୱନ୍ଦଗୁଡିକୁ ଦୂରକରିବାର ସୁଯୋଗ ଯୋଜନାର ଅର୍ନ୍ତଭୁକ୍ତ କରିବା ଉଚିତ୍ । ଶିକ୍ଷାର୍ଥୀ ନିଜେ ନିଜର ଜ୍ଞାନର ପୁର୍ନଗଠନ କରିବାର ଧାରଣାତ୍ମକ ଢାଞ୍ଚାରେ ଅଗ୍ରସର ହେବାର ସୁଯୋଗ ଯୋଜନାରେ ରହିବା ଆବଶ୍ୟକ ।

ଶିକ୍ଷକ ସଚେତନ ହେବା ଆବଶ୍ୟକ ଯେ ପିଲାମାନେ ଉପରେ ବ୍ୟକ୍ତିଗତ ଧାନ ଶିକ୍ଷଣ ପ୍ରକ୍ରିୟାରେ ପିଲାମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ । ପିଲାମାନଙ୍କର ଭୂଲ୍ର ଉତ୍ତରକୁ କେବଳ ନାଲିକାଳିରେ ସୂଚିତ କରିବା ଅପେକ୍ଷା ପିଲାମାନଙ୍କ ଭୁଲର କାରଣକୁ ଶିକ୍ଷକ ବିଶ୍ଲେଷଣ କରିବା ଆବଶ୍ୟକ । ଏହା ଭ୍ରମ ବିଶ୍ଲେଷଣ ତ୍ରୁଟି ଗୁଡିକର ନିରାକରଣ କରିବା ନିଦାନ ନୁହେଁ । ତ୍ରୁଟିଗୁଡିକୁ ବିଶ୍ଲେଷଣ କରି ଫଳପ୍ରଦ ଭାବେ ନିରାକରଣ କରିବା ଏବଂ ପିଲାର ଜ୍ଞାନକୁ ମାର୍ଜିତ କରିବାର ବ୍ୟବସ୍ଥା ଯୋଜନାରେ ରହିବା ଆବଶ୍ୟକ ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ -୪**

(୧) ନିମ୍ନୋକ୍ତ ବ୍ୟାକକୁ ସଂପୂର୍ଣ୍ଣ କର ।

ସାଧାରଣତଃ ଶିକ୍ଷକ ____________ ତିଆରି କରିବା ଉପରେ ଓ ____________ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଅନ୍ତି ।

(୨) ଏହି ଉପଏକକରେ ଶିକ୍ଷାର୍ଥୀ କୈନ୍ଦ୍ରିକ ପାଠ ଯୋଜନା ଉପରେ କେଉଁ ଗୁରୁତ୍ୱପୂର୍ଣ୍ଣ କାରକ ବିଷୟରେ ଆଲୋଚନା କରାଯାଇଛି ।

..........................................................................................

..........................................................................................

..........................................................................................

୩. ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ଶିକ୍ଷାଦାନ ବେଳେ ଏକ ନିର୍ଦ୍ଦିଷ୍ଟ ସମୟ ନିମିତ୍ତ ଯଦି ଶିକ୍ଷାର୍ଥୀମାନଙ୍କୁ ଯୋଜନା କରିବାରେ ଏକ ପ୍ରମୁଖ ଭୂମିକା ଦିଆଯାଏ ତେବେ ଫଳପ୍ରଦ ଶିକ୍ଷଣ ନିମିତ୍ତ ଯୋଜନା କରିବାରେ ଏହା କି ପାର୍ଥକ୍ୟ ସୃଷ୍ଟି କରିବ ?

..........................................................................................

..........................................................................................

..........................................................................................

୪. ବିଷୟରୁ ଅନୁସନ୍ଧାନର ପର୍ଯ୍ୟାପ୍ତତା ପାଇବାକୁ ନିଶ୍ଚିତ କରିବା ପୂର୍ବରୁ ଆପଣଙ୍କ ପାଠ ଯୋଜନା କରିବା ସଂପର୍କରେ ନିଜକୁ ଆପଣ କିପରି ପ୍ରସ୍ତୁତ କରନ୍ତି ।

..........................................................................................

..........................................................................................

..........................................................................................

## ୮.୬ ଆଦର୍ଶ ପାଠ ଯୋଜନା

ଆସନ୍ତୁ କେତେକ ଆଦର୍ଶ ପାଠ ଯୋଜନା ଦେଖିବା ଓ ଏଥିରେ ସନ୍ନିବେଶିତ ହୋଇଥିବା ପଦ୍ଧତି ଗୁଡିକୁ ପରୀକ୍ଷା ଓ ବିଶ୍ଳେଷଣ କରିବା । ଏହି ଯୋଜନା ଗୁଡିକ ଭିନ୍ନଭିନ୍ନ ପ୍ରସଙ୍ଗରୁ ଆସିଛି । ଆସନ୍ତୁ ଦେଖିବା ଶିକ୍ଷକ କିପରି ନିଜର ଶିକ୍ଷାର୍ଥୀ ମାନଙ୍କର ବ୍ୟବହାର ପାଇଁ ଏହି ଯୋଜନା ଗୁଡିକର ସାହାଯ୍ୟ ନେଇଛନ୍ତି ଓ ଏଥିରେ କ'ଣ ସବୁ ସେ ଛାଡି ଦେଇଛନ୍ତି । ଆମେ ମଧ୍ୟ ଦେଖିବା କେତେ ଭଲ ଭାବରେ ଶିକ୍ଷକ ଶ୍ରେଣୀ ଅଂଶଗ୍ରହଣ ପାଇଁ ଆଧାର ସୃଷ୍ଟି କରିଛନ୍ତି ବା ଏହାକୁ ଛାଡିଛନ୍ତି ଓ କେଉଁ ଶିକ୍ଷାଦାନ ଶିକ୍ଷଣ ଉଦ୍ଦେଶ୍ୟର କେଉଁ ଦିଗ ହାସଲ କରିବା ପାଇଁ ସେ ଚେଷ୍ଟା କରିଛନ୍ତି ।

ଟିପ୍ପଣୀ

### ୮.୬.୧. ଆଦର୍ଶ ପାଠ -୧ ତୁଳୀକାର ଶ୍ରେଣୀ

ଏହା ତୁଳୀକା ନାମକ ଜଣେ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷୟତ୍ରୀଙ୍କ ପାଠ ଯୋଜନା । ଆସନ୍ତୁ ତାଙ୍କର ପାଠ ଯୋଜନାଟିକୁ ଦେଖିବା ଓ ଏହି ପାଠ ଯୋଜନାଟିକୁ ବିଶ୍ଳେଷଣ କରିବା ।

ଗ୍ରାମୀଣ ବିହାରର କଲ୍ୟାଣପୁରଠାରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ତୁଳୀକା ଜଣେ ଶିକ୍ଷୟତ୍ରୀ । ଏହି ବିଦ୍ୟାଳୟର ଗୋଟିଏ ମୁଣ୍ଡରେ ଗାଁ ଓ ଅନ୍ୟ ମୁଣ୍ଡରେ ଗୋଟିଏ ଜଙ୍ଗଲ ଅଛି । ଏଠାରେ ବସବାସ କରୁଥିବା ଲୋକମାନଙ୍କର ଚାଷ ହେଉଛି ପ୍ରଧାନ ଜୀବିକା । କେତେକ ପିତାମାତା ସହରରେ ରାଜମିସ୍ତ୍ରୀ, ରିକ୍ସାଚାଳକ, ବଢେଇ, ପରିବାବିକାଳୀ ଭାବେ କାମକରନ୍ତି ଓ ସପ୍ତାହରେ ଥରେ ସେମାନେ ଘରକୁ ଆସନ୍ତି । ଅଧିକାଂଶ ପିଲା ସେମାନଙ୍କର ପିତାମାତାଙ୍କୁ ଶସ୍ୟ କ୍ଷେତ୍ରରେ ସାହାଯ୍ୟ କରିବାରେ, ଭାଇ ଭଉଣୀମାନଙ୍କ ଯତ୍ନ ନେବାରେ, ରନ୍ଧାରନ୍ଧି କରିବାରେ ସମୟ ବିତାନ୍ତି । ଅଧିକାଂଶ ପିଲାମାନଙ୍କର ପିତାମାତା ନିରକ୍ଷର ଓ କେତେକ ଅର୍ଦ୍ଧସାକ୍ଷର ଯେଉଁମାନେ କି ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପଢିଛନ୍ତି ବା ଅଧିକ ଭାବେ ଉଚ୍ଚବିଦ୍ୟାଳୟ ଯାଇଛନ୍ତି । ତୁଳୀକାଙ୍କ ଶ୍ରେଣୀର ପିଲାମାନେ ସମ୍ବାଦପତ୍ର, ପତ୍ରପତ୍ରିକା ଓ ବହି ଇତ୍ୟାଦି ସଂପର୍କରେ ଆସି ନାହାଁନ୍ତି ।

ତୁଳୀକା ଦ୍ୱିତୀୟ ଶ୍ରେଣୀର ୩୦ଜଣ ପିଲାଙ୍କୁ ପଢାନ୍ତି । ପିଲାମାନେ ଘରେ ଭୋଜପୁରୀ କହୁଥିବା ବେଳେ ସେମାନଙ୍କ ପାଇଁ ବିଦ୍ୟାଳୟରେ ଶିକ୍ଷାଦାନ ମାଧ୍ୟମ ହିନ୍ଦୀ ଅଟେ । ପିଲାମାନେ ହିନ୍ଦୀର ସମସ୍ତ ଅକ୍ଷରକୁ ଚିହ୍ନିପାରନ୍ତି ଓ କେତେକ ଶବ୍ଦ ପଢି ପାରନ୍ତି । କିନ୍ତୁ ସେମାନେ ଅନର୍ଗଳ ଭାବେ ସେମାନଙ୍କୁ ଦିଆଯାଇଥିବା ଗଳ୍ପ ବହି ପଢି ପାରନ୍ତି ନାହିଁ ବା ଏଥିର ବାକ୍ୟ ଗୁଡିକୁ ବୁଝିପାରନ୍ତି ନାହିଁ । ଏହି ଶ୍ରେଣୀର ପିଲାମାନଙ୍କୁ ସେ ପଢାଉଥିବା ପାଠ୍ୟପୁସ୍ତକରୁ ଏହି ଉଦାହରଣ ନିଆଯାଇଛି ।

ତୁଲିକା ଅନୁଭବ କଲେ ଯେ, ତାଙ୍କୁ ଉଭୟ ଭୋଜପୁରୀ ଓ ହନ୍ଦୀରେ ଶିକ୍ଷାର୍ଥୀ ମାନଙ୍କୁ ପାଠ ପଢାଇବାକୁ ହେବ । ସେ ଏ କଥା ପ୍ରତି ସମ୍ବେଦନଶୀଳ ଥିଲେ ଯେ ପିଲାମାନେ ପ୍ରାୟତଃ ତାଙ୍କ ପ୍ରଶ୍ନର ଉତ୍ତର ଦେବା ସମୟରେ ଭୋଜପୁରୀ ଭାଷା ବ୍ୟବହାର କରିବେ ଓ ଏଥିପାଇଁ ପିଲାମାନଙ୍କୁ ସେମାନଙ୍କ ପ୍ରଥମ ଭାଷା ବ୍ୟବହାର କରିବାରୁ ସେ ସେମାନଙ୍କୁ ନାଁ ବାରଣ କରିବେ ବା ସେଥିପାଇଁ ସେମାନଙ୍କର ପାଟି ବନ୍ଦ କରିପାରିବେ । ସେ ବୁଝନ୍ତି ଯେ ଶ୍ରେଣୀରେ ଛୋଟ ଛୋଟ ଦଳ ଗଠନ ଦ୍ୱାରା ଶିକ୍ଷାର୍ଥୀ ମାନେ ଜଣେ ଜଣଙ୍କୁ ସାହାଯ୍ୟ କରି ପାଠକୁ ଭଲ ଭାବରେ ବୁଝି ପାରିବେ ଏବଂ ଭଲ ଭାବରେ ଶିଖି ପାରିବେ । ପଠନ, ଲିଖନ, କଥନ ଓ ଶ୍ରବଣ ଉପରେ ଗୁରୁତ୍ୱ ଦେବା ଓ ଏଗୁଡିକ ଅର୍ଥପୂର୍ଣ୍ଣ ଉପାୟରେ ଶ୍ରେଣୀରେ ଘଟିବା ଆବଶ୍ୟକ ବୋଲି ସେ ମଧ୍ୟ ବୁଝନ୍ତି । ଏହା ଫଳରେ ଶିକ୍ଷାର୍ଥୀ ମାନେ ପାଠ, ପ୍ରସଙ୍ଗକୁ ବୁଝିପାରିବେ ଓ ଭାଷା ଶିକ୍ଷଣର କ୍ରମୋନ୍ନତିଶୀଳ ବିକାଶ କରିପାରିବେ ।

ଗପଟି ଥିଲା ଘରକୁ ଫେରିବା ସମୟରେ ବାଟରେ ଏକ ଭାଲୁକୁ ଦେଖି ଥିବା ଦୁଇଟି ସାଙ୍ଗଙ୍କ ବିଷୟରେ । ପିଲାମାନେ ଜାଣିଥିବା ପଶୁମାନଙ୍କ ବିଷୟରେ ଆଲୋଚନା କରି ଶ୍ରେଣୀ କାର୍ଯ୍ୟ ଆରମ୍ଭ କରିବାକୁ ସେ ନିଷ୍ପତି କଲେ କାରଣ ସେ ଜାଣିଥିଲେ ଯେ ପିଲାମାନେ ନିଜ ପରିବେଶରୁ ପଶୁମାନଙ୍କୁ ଜାଣିପାରିବେ ।

ତାଙ୍କୁ ଗପଟିକୁ ଗୋଟିଏ ସପ୍ତାହରେ ସାରିବାକୁ ଥିଲା ଓ ସେଥିପାଇଁ ସେ ପ୍ରତ୍ୟେକ ଦିନ ୩୫ ମିନିଟ୍ ଲେଖାଏଁ ପଢାଇଲେ । ଶ୍ରେଣୀ କୁ ଯିବା ପୂର୍ବରୁ ସେ ଗପଟିକୁ ଦୁଇ ବା ତିନି ଥର ପଢିଲେ । ତାଙ୍କ ଉଦ୍ଦେଶ୍ୟ ଓ ପାଠ ଯୋଜନାର ନିମ୍ନୋକ୍ତ ଦିଗ ଗୁଡିକ ହେଲା -

- ଚିତ୍ରାଙ୍କନ କାର୍ଯ୍ୟରେ ଶ୍ରେଣୀକୁ ନିଯୁକ୍ତ କରିବା
- ଗଳ୍ପ ସଂପର୍କରେ ପରସ୍ପର ଓ ଶିକ୍ଷକଙ୍କ ସହ ଆଲୋଚନା କରିବାକୁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବା
- ଚିତ୍ର ସମ୍ପର୍କରେ କହିବାକୁ ସେମାନଙ୍କୁ ସୁଯୋଗ ଦେବା
- ଗପଟିକୁ ପଢିବା ସହ ବୁଝିବା ପାଇଁ ସେ।ମନଙ୍କୁ ପ୍ରସ୍ତୁତ କରିବା
- ପଶୁମାନଙ୍କ ନାମ ଲେଖିବାକୁ ପିଲାମାନଙ୍କୁ ସୁଯୋଗ ଦେବା
- ଗଳ୍ପଟିର ଶେଷରେ କ'ଣ ଘଟିବ ପିଲାଙ୍କୁ ଅନୁମାନ କରିବାକୁ ଦେବା
- ନିଜ ଚର୍ତୁପାର୍ଶ୍ୱରେ ଦେଖୁଥିବା ବିଭିନ୍ନ ପଶୁମାନଙ୍କ ସମ୍ପର୍କରେ କହିବାକୁ ସେମାନଙ୍କୁ ସୁଯୋଗ ଦେବା

ତାଙ୍କର ଦୈନିକ ପାଠ୍ୟଯୋଜନା ନିମ୍ନୋକ୍ତ ଭାବେ ଥିଲା ।

**ପ୍ରଥମ ଦିନ:-** ପିଲାମାନଙ୍କୁ ନିଜ ଚତୁଃପାର୍ଶ୍ୱରେ ଥିବା ପଶୁମାନଙ୍କ ନାମ ଲିଖିତଭାବେ ସୁପରିଚିତ କରିବା ।

**ପ୍ରକ୍ରିୟା**

୧. ନିଜ ଚତୁଃପାର୍ଶ୍ୱରେ ଦେଖିଥିବା ପଶୁମାନଙ୍କର ନାମ ଲେଖିବାକୁ ପଚାରିବା ।

୨. ନିଜ ଚତୁଃପାର୍ଶ୍ୱରେ ଦେଖିଥିବା ପଶୁମାନଙ୍କର ନାମ ଲେଖିବାକୁ କହିବା, ନିଜର ପ୍ରିୟ ପଶୁମାନଙ୍କର ଚିତ୍ର ନିଜ ଖାତାରେ ଅଙ୍କନ ଓ ଅଙ୍କନ କରିଥିବା ଜୀବର ନାମକୁ ଗୋଲ '0' ବୁଲାଇବାକୁ କହିବା ।

୩. ଭାଷା ଖେଳ ପଦ୍ଧତି ମାଧ୍ୟମରେ କଳାପଟାରେ ଲେଖା ଯାଇଥିବା ପଶୁମାନଙ୍କ ନାମକୁ ପଢିବା ଓ ସେମାନଙ୍କ ଦ୍ୱାରା ନିଃସୃତ ଶବ୍ଦକୁ ଉଚ୍ଚାରଣ କରିବା ।

**ଦ୍ୱିତୀୟ ଦିନ :-** ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରାକ୍ ବିଚାର ଶୈଳୀର ବିକାଶ କରିବା ।

**ପ୍ରକ୍ରିୟା**

୧. ତିନୋଟି ଛବିକୁ ପର୍ଯ୍ୟବେକ୍ଷଣ କରିବା ପାଇଁ ପିଲାମାନଙ୍କୁ ଗପ ସହିତ କିଛି ସମୟ ଛାଡି ଦେବା ।

୨. ପିଲାମାନଙ୍କୁ ଗଳ୍ପ ଉପରେ ଉପସ୍ଥାପନା କରିବାକୁ ସୁଯୋଗ ଦେବା ଏବଂ ସେମାନଙ୍କ ଉପସ୍ଥାପନା ଉପରେ ପ୍ରଶଂସା କରିବା ।

୩. ଗଳ୍ପ ମଧ୍ୟରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପ୍ରାକ୍ ବିଚାର ରଖିବାକୁ ଦେବା ସହ ଗଳ୍ପର ପରିସମାପ୍ତି କ'ଣ ହୋଇପାରେ ବୋଲି କହିବାକୁ ସୁଯୋଗ ଦେବା ।

୪. କଳାପଟାରେ ପ୍ରାକ୍ ବିଚାର ଗୁଡିକୁ ଲେଖିବା ।

**ତୃତୀୟ ଦିନ :-** ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦିଆଯାଇଥିବା ଗଳ୍ପର ପ୍ରାକ୍ ବିଚାର ଗୁଡିକ ଆଧାରରେ ଗଳ୍ପର ପରିସମାପ୍ତି ପ୍ରକ୍ରିୟା ନିର୍ଦ୍ଧାରଣ କରିବା ।

**ପ୍ରକ୍ରିୟା**

୧. ବଡ ପାଟିରେ ଗଳ୍ପଟିକୁ ପଢ଼ିବା ଏବଂ ଶିକ୍ଷାର୍ଥୀ ମାନେ ପରିଚିତ ଥିବା ଶବ୍ଦ ଗୁଡ଼ିକୁ କଳାପଟାରେ ଲେଖିବା: ଯଥା:- ଗାଁ, ଭାଲୁ, ଫୁଟବଲ, ମିତ୍ର, ଦାଦି, ମୁହଁ, ନାକ, କାନ, ରାମ, ଶ୍ୟାମ ଇତ୍ୟାଦି ।

୨. କଳାପଟାରେ ଲେଖା ଯାଇଥିବା ଶବ୍ଦ ଗୁଡ଼ିକୁ ନିଜ ଖାତାରେ ଲେଖିବା ପାଇଁ କହିବା ।

୩. ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ଗାଁ, ଫୁଟବଲ, ଶବ୍ଦକୁ ଗୋଲ '୦' ବୁଲେଇବାକୁ କହିବା ଏବଂ ସେହିପରି ତୃତୀୟ ପୃଷ୍ଠାର ଶେଷ ଅନୁଚ୍ଛେଦରେ ଥିବା ଶବ୍ଦ ଯଥା ମୁଁହ, କାନ, ନାକକୁ ଗୋଲ ବୁଲେଇବାକୁ କହିବା ।

୪. ସେମାନଙ୍କ ସହ "ଭେଡିଆ ଆୟା" ଭାଷାଖେଳ ଖେଳିବା ।

**ଚତୁର୍ଥ ଦିନ :-**

ଗଳ୍ପର ପ୍ରଥମ ଭାଗରେ ଥିବା କଠିନ ଶବ୍ଦ ଗୁଡ଼ିକୁ ପଢ଼ିବା ଏବଂ ପ୍ରସଙ୍ଗରୁ ସେହି ଶବ୍ଦର ଅର୍ଥକୁ ଅନୁମାନ କରି କହିବାକୁ ଦେବା ।

**ପଞ୍ଚମ ଦିନ :-**

ବିଷୟର ଶେଷରେ ଦିଆଯାଇଥିବା ଶବ୍ଦ ଅଭ୍ୟାସକୁ ପିଲାଙ୍କ ସହ ମିଶି କହିବା ।

**ଷଷ୍ଠ ଦିନ :-**

ବିଷୟର ଶେଷଭାଗରେ ଥିବା ବାକ୍ୟ ସଂପର୍କିତ ପ୍ରଶ୍ନ ଗୁଡିକୁ ପିଲାଙ୍କ ସହ ମିଶି କରିବା ।

**ଦୈନିକ କାର୍ଯ୍ୟପ୍ରଣାଳୀର ସାରାଂଶ ଓ ବିଶ୍ଳେଷଣ**

**ପ୍ରଥମ ଦିନ :-**

ତୁଳୀକା ପିଲାମାନଙ୍କୁ ସେମାନଙ୍କ ଚର୍ତୁଃପାର୍ଶ୍ୱରେ ଦେଖିଥିବା ଜୀବଜନ୍ତୁମାନଙ୍କ ବିଷୟରେ ପଚାରି ଶିକ୍ଷାଦାନ ଆରମ୍ଭ କଲେ । ଶିକ୍ଷାର୍ଥୀମାନେ କହିଥିବା ଜୀବଜନ୍ତୁଙ୍କ ନାମକୁ ସେ କଳାପଟାରେ ଲେଖିଲେ । ପିଲାମାନେ କଳାପଟାରେ ଲେଖାଥିବା ଶବ୍ଦଗୁଡ଼ିକୁ ଦେଖି ତଳେ ଆଉଥରେ ଲେଖିଲେ । ଛାତ୍ରଛାତ୍ରୀ ମାନେ ପ୍ରଥମେ ପୋଷାଜନ୍ତୁ ଓ ପରେ ବନ୍ୟଜନ୍ତୁଙ୍କ ବିଷୟରେ କହିଲେ । ସମସ୍ତ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବାପରେ ସେ ପିଲାମାନଙ୍କ ସହ ଖେଳଟିଏ ଖେଳିଲେ । ସେ କଳାପଟାରେ

ଲେଖିଥିବା ପଶୁମାନଙ୍କର ନାମ ପଚାରିଲେ । ଯେତେବେଳେ ସେ ଅନୁଭବକଲେ ଯେ ପିଲାମାନେ ପଶୁମାନଙ୍କ ନାମକୁ  ପଢି ଚିହ୍ନି ପାରୁଛନ୍ତି ସେତେବେଳେ ସେ ପିଲାମାନଙ୍କୁ ସେଗୁଡିକୁ ନିଜ ଖାତାରେ ଲେଖିବାକୁ କହିଲେ । ଏହା ପରେ ସେ ପିଲାମାନଙ୍କୁ ସେମାନେ ଯେଉଁ ପଶୁକୁ ଭଲପାଅନ୍ତି ସେଗୁଡିକର ଚିତ୍ର କରିବାକୁ କହିଲେ ଏବଂ ଖାପ ଖାଉଥିବା ନାମ ଗୁଡିକୁ ଗୋଲ ବୁଲାଇବାକୁ କହିଲେ । ପିଲାମାନେ ଶିକ୍ଷଣ କାର୍ଯ୍ୟରେ ନିମଗ୍ନ ଥିଲାବେଳେ ତୁଳୀକା ସେମାନଙ୍କ କାର୍ଯ୍ୟକୁ ତଦାରଖ କରୁଥିଲେ ଓ ଆବଶ୍ୟକ ସ୍ଥଳେ ସହାୟତା କରୁଥିଲେ ।

**ଦ୍ୱିତୀୟ ଦିନ**

ଗଳ୍ପରେ ଦିଆଯାଇଥିବା ତିନୋଟି ଛବି ଉପରେ ତୁଳୀକା ଧ୍ୟାନ ଦେଲେ । ପିଲାମାନେ ଛବିରେ କ'ଣ ଦେଖିଲେ ତାକୁ ବର୍ଣ୍ଣନା କରିବାକୁ କହିଲେ । ପିଲାମାନେ କହିଲେ ଯେ, ସେମାନେ ଦେଖିଲେ ଦୁଇଜଣ ପିଲା ଜଙ୍ଗଲ ମଧ୍ୟରେ ଛିଡା ହୋଇଥିଲେ । ସେଠାରେ ଗୋଟିଏ ଭାଲୁଥିଲା ଏବଂ ଗଛ ଉପରେ ଗୋଟିଏ ପିଲା ଥିଲା । ତା'ପରେ ସେ ପିଲାମାନଙ୍କୁ ସେହି ଛବିଟିରେ ଆଉ କ'ଣ ଦେଖିଲେ ବର୍ଣ୍ଣନା କରିବାକୁ କହିଲେ । ଯେମିତିକି ସେ ବାଳକମାନେ କ'ଣ କରୁଥିଲେ । ଭାଲୁଟି କ'ଣ କରୁଥିଲା ଇତ୍ୟାଦି ତା'ପରେ ସେ ପିଲାମାନଙ୍କୁ କହିଲେ ଯେ ଛବି ଗୁଡିକୁ ଦେଖି ଗୋଟିଏ ଗପ କୁହ । ପିଲାମାନେ ପ୍ରଥମେ ଦ୍ୱିଧା ପ୍ରକାଶ କଲେ ତା'ପରେ ସେମାନେ ଉକ୍ତ ଛବି ସମ୍ବନ୍ଧୀୟ ଅନେକ ଗୁଡିଏ ସମ୍ଭାବ୍ୟ କାଳ୍ପନିକ ଗପ କହିଲେ । ତୁଳୀକା ଗଳ୍ପ ଗୁଡିକୁ ପ୍ରଶଂସା କଲେ ଏବଂ ପିଲାମାନଙ୍କୁ ଉତ୍ସାହିତ କଲେ ।

ତା'ପରେ ତୁଳୀକା ଉକ୍ତ ଗପଟିକୁ ପିଲାମାନଙ୍କ ପାଇଁ ପଢ଼ି ଶୁଣାଇବେ ବୋଲି କହିଲେ । ତା'ପରେ ସେ ଗଳ୍ପଟିକୁ ଧୀର ଗତି ଏବଂ ବଡ ପାଟିରେ ପଢିଲେ । ସେ ଯାହା ପଢିଲେ ତାହାକୁ ଆଙ୍ଗୁଠି ସାହାଯ୍ୟରେ ଚିହ୍ନିବା ପାଇଁ ସେ ପିଲାମାନଙ୍କୁ କହିଲେ । ପ୍ରାୟତଃ ଅଧେ ପିଲା ତାଙ୍କ ସହିତ ଗପଟିକୁ ଧିରେ ଏବଂ ନରମ(ଆସ୍ତେ)ପାଟିରେ ପଢିଲେ । ତଥାପି ଯେଉଁମାନେ ପଢିପାରୁ ନଥିଲେ ସେମାନେ ଧ୍ୟାନର ସହ ଶୁଣୁଥିଲେ । ତୁଳୀକା ପିଲାମାନଙ୍କର ବସିବା ବ୍ୟବସ୍ଥା ବହୁତଭଲ ଭାବରେ ନିଶ୍ଚିତ କରିଥିଲେ ଯେମିତିକି ଦୁର୍ବଳ ପିଲା ମଧ୍ୟ ସାହାଯ୍ୟ ପାଇପାରିବ । ଯେଉଁ ପିଲା ପଢି ନପାରିବ ତାକୁ ପଢି ପାରୁଥିବା ପିଲା ସହିତ ବସାଇଲେ । ଦୁଇ ଜଣ ସାଙ୍ଗ ଯେତେବେଳେ ଭାଲୁକୁ ଦେଖିଲେ ସେ ସେହିଠାରେ ରହିଗଲେ । ତା'ପରେ ସେ ପଚାରିଲେ କ'ଣ ତାଙ୍କ ସହିତ ଘଟିଥିବ ଯେତେବେଳେ ଜଙ୍ଗଲରେ ଦୁଇ ଜଣ ସାଙ୍ଗ ଏକା ଥିଲେ ଏବଂ ତାର ଆଉ ଫେରିବା ଲାଗି କିଛି ନଥିଲା । ପିଲାମାନେ ବହୁତ ସମ୍ଭାବ୍ୟ ଉତ୍ତର ଦେଲେ । ପିଲାମାନଙ୍କର ନାମ ସହିତ ସେମାନେ ଦେଇଥିବା ଉତ୍ତରକୁ ସେ କଳାପଟା ଉପରେ ଲଗାଇଲେ ।

**ତୃତୀୟ ଦିନ**

ତୁଳୀକା ଆଜି ବାରମ୍ବାର ଉଚ୍ଚସ୍ୱରରେ ଗଳ୍ପଟିକୁ ପଢିଥିଲେ । ପୂର୍ବରୁ ଯେଉଁଠାରେ ଅଟକିଥିଲେ ପୁଣି ସେହିଠାରେ ସେ ରହିଗଲେ । ପିଲାମାନେ ଗଳ୍ପଟିର ଅନ୍ତ ବିଷୟରେ କ'ଣ ଅନୁମାନ କରୁଛନ୍ତି ସେହି ପ୍ରକ୍ରିୟାକୁ ଜାରିରଖିଲେ ଏବଂ ତା'ପରେ ଗଳ୍ପଟିକୁ ପଢିବାକୁ ଲାଗିଲେ । ଗଳ୍ପଟିକୁ ପଢିସାରିବା ମାତ୍ରେ, ବ୍ୟାଖ୍ୟାତ୍ମକ ଉପାୟରେ ତୁଳୀକା ଗଳ୍ପଟିର ଚରିତ୍ରକୁ ବିଶ୍ଳେଷଣ କଲେ । ସେ ପ୍ରଶ୍ନ ପଚାରିଲେ

ଟିପ୍ପଣୀ

ଯେମିତିକି ପିଲାମାନେ କିପରି ସାଙ୍ଗମାନଙ୍କର ବ୍ୟବହାରକୁ ପସନ୍ଦ କରିଲେ ଅନ୍ୟ ବନ୍ଧୁର ପରିସ୍ଥିତିରେ ଥିଲେ ସେମାନଙ୍କ ବନ୍ଧୁତ୍ୱରେ କ'ଣ ଘଟିଥାନ୍ତା । ସେମାନେ କ'ଣ କରିଥାନ୍ତେ ଓ ଏହିପରି ଅନେକ ଅନେକ ।

ତା'ପରେ ସେ କଳାପଟାରେ ଭାଲୁ ଶବ୍ଦ ଲେଖିଲେ ଏବଂ ଗଳ୍ପରେ 'ଭାଲୁ' ଶବ୍ଦକୁ ଗୋଲ ବୁଲାଇବା ପାଇଁ ପିଲାମାନଙ୍କୁ କହିଲେ । ତାପରେ ସେ ଶିକ୍ଷାର୍ଥୀମାନଙ୍କୁ ପଚାରିଲେ "ଭାଲୁ"ଶବ୍ଦଟି କେତେଥର ବ୍ୟବହାର କରାଯାଇଛି ଗଳ୍ପରେ । ସେ ସେହି ପ୍ରକ୍ରିୟାକୁ ବାରମ୍ବାର ବ୍ୟବହୃତ ହୋଇଥିବା ଶବ୍ଦ ସହିତ ପୁନରାବୃତ୍ତି କଲେ, ଯେମିତି ଗାଁ, ଶବ ଇତ୍ୟାଦି ।

ଶବ୍ଦ ଚିହ୍ନଟ ଖେଳ ପରେ ସେ ପିଲାମାନଙ୍କ ସହିତ ଅନ୍ୟ ଏକ ଖେଳ ଖେଳିଲେ "ଭେଡିଆ ଆୟା" । ଏହି ଖେଳ ଅନୁସାରେ, ସମସ୍ତ ପିଲା ମଲା ଭଳି ଅଭିନୟ କରିବେ ଏବଂ ଜଣେ ଭେଡିୟା ହେବେ ଯିଏ କି ଶିକାର କରିବା ପାଇଁ ଆସିବ । "ଭେଡିୟା"ର କାମଥିଲା "ମଲା ଶରୀର"କୁ ନଛୁଇଁ ଚାରିପଟେ ବୁଲିବା । ଯେଉଁ ପିଲାମାନଙ୍କୁ "ମଲା ଭଳି ଅଭିନୟ କରିବାକୁ କୁହାଯାଇଥିଲା ସେମାନେ ମୂର୍ତ୍ତୀ ପରି ଚଟାଣରେ ଆଖି ବନ୍ଦ କରି ଏବଂ ସିଧା ହୋଇ ମୁହଁ ଉପରକୁ କରି ପଡ଼ି ରହିଥିଲେ । ଯଦି କୌଣସି ପିଲା ଆଖି ଖୋଲିଲା କିମ୍ବା ହସିଲା କିମ୍ବା ଶାରୀରିକ ସ୍ଥିତିରେ ପରିବର୍ତ୍ତନ କଲା । ତା'ହେଲେ ସେ ଖେଳରୁ ଭେଡିୟା ଦ୍ୱାରା ବାହାରି ଯିବ ।

ଖେଳଟିକୁ ବୁଝିବା ପାଇଁ ପିଲାମାନେ କିଛି ସମୟ ଦେଲେ । ଥରେ ସେମାନେ ଖେଳଟିକୁ ବୁଝିଗଲା ପରେ ସେମାନେ ଗୁରୁତ୍ୱର ସହିତ ଖେଳଟିକୁ ଖେଳିଲେ । ସେମାନେ ଜଣଙ୍କ ପରେ ଜଣେ ଚଟାଣରେ ଶୋଇଲେ ଏବଂ ଶରୀରର ପ୍ରତ୍ୟେକ ଅଙ୍ଗକୁ ହଲାଇବା ସହିତ ବୋକାଙ୍କ ଭଳି ଜୋରରେ ହସିଲେ । ଅଧେ ପିଲା ବେଳେ ବେଳେ (ଗୋପନରେ) ଆଖି ଖୋଲି ହସିବାକୁ ଆରମ୍ଭ କରିଲେ । ପ୍ରଥମ ଦଫାରେ ଖେଳଟି ଶୀଘ୍ର ସରିଗଲା । କିଛି ଦଫା ପରେ ଖେଳଟିକୁ ପିଲାମାନେ ଶିଖିଲେ ଏବଂ ଖେଳଟି ଏତେ ସହଜରେ ଶେଷ ହୋଇନଥିଲା ।

### ଚତୁର୍ଥ ଦିନ

ଚତୁର୍ଥ ଦିନରେ, ତୁଳୀକା ଶ୍ରେଣୀ ଆରମ୍ଭ କରୁ କରୁ କଷ୍ଟ ଶବ୍ଦ ଗୁଡ଼ିକୁ ନେଲେ । ସେ ପିଲାମାନଙ୍କୁ ଗଳ୍ପରେ ଥିବା କଷ୍ଟ ଶବ୍ଦ ଗୁଡ଼ିକୁ ବାଛିବା ପାଇଁ କହିଲେ । ପିଲାମାନଙ୍କ ଦ୍ୱାରା ବଛାଯାଇଥିବା କଷ୍ଟ ଶବ୍ଦଗୁଡ଼ିକୁ ସେ କଳାପଟାରେ ଲେଖିଲେ । ସେ ପିଲାମାନଙ୍କୁ ପଚାରିଲେ ଯେ କଳାପଟାରେ ଲେଖାଯାଇଥିବା ଶବ୍ଦଗୁଡ଼ିକର ଅର୍ଥ କେହି ଜାଣିଛନ୍ତି କି ବୋଲି ପଚାରିଲେ । ଯଦି କେହି ଜାଣିଛନ୍ତି ସେହି ଶବ୍ଦକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖିବା ପାଇଁ ଉତ୍ସାହ କଲେ । ତା'ପରେ ସେ ପିଲାମାନଙ୍କୁ କଷ୍ଟ ଶବ୍ଦ ଗୁଡ଼ିକର ଅର୍ଥ ବୁଝାଇ ଦେଲେ ଏବଂ ସେହି କଷ୍ଟ ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ କରାଇଲେ ।

### ପଞ୍ଚମ ଦିନ

ଅଧ୍ୟାୟରେ ଶେଷଭାଗରେ ଦିଆଯାଇଥିବା ଅନୁଶୀଳନୀକୁ ତୁଳୀକା, ପିଲାମାନଙ୍କ ସହ ମିଶି ସମାଧାନ କରିଲେ । ଅନୁଶୀଳନୀ ଗୁଡ଼ିକ ମଧ୍ୟରୁ ଗୋଟିକରେ ଦିଆଯାଇଥିବା ଶବ୍ଦରୁ ଅକ୍ଷରମାନଙ୍କୁ ନେଇ ଅନ୍ୟ ଶବ୍ଦ ବନେଇବାକୁ କୁହାଯାଇଥିଲା । ସେ ଅନୁଶୀଳନୀ ନେବା ଆଗରୁ ତୁଳୀକା ପିଲାମାନଙ୍କୁ ଯେକୌଣସି ଦୁଇଟି ଶବ୍ଦ କହିବାକୁ କହିଲେ । ସେ କଳାପଟାରେ ଦୁଇଟି ଶବ୍ଦ ଲେଖିଲେ ଯେମିତି : ବଗ

ଏବଂ 'ଛବି' । ସେ କଳାପଟାର ପ୍ରଥମ ଶବ୍ଦରୁ 'ଗ' ଏବଂ ଦ୍ୱିତୀୟ ଶବ୍ଦରୁ 'ଛ' ବାହାର କରି ଲେଖିଲେ । ତା'ପରେ ସେ ଶିକ୍ଷାର୍ଥୀମାନଙ୍କୁ ପଚାରିଲେ ଯେତେବେଳେ ଏହି ଅକ୍ଷର ଦୁଇଟିକୁ ମିଶାଇବା ତାହା କ'ଣ ହେବ । ଏହା ଶିକ୍ଷାର୍ଥୀମାନଙ୍କ ପାଇଁ ସହଜ ଥିଲା ଏବଂ ସେଠାରୁ ସେମାନେ ଅନୁଶୀଳନୀ ସହିତ ଆଗେଇ ଚାଲିଲେ । ସେ ଦୁଇ ତିନି ଜଣ ଶିକ୍ଷାର୍ଥୀଙ୍କୁ କଳାପଟା ପାଖକୁ ଅନୁଶୀଳନ କରିବା ପାଇଁ ଡାକିଲେ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ନିଜନିଜର ଖାତାରେ ଅନୁଶୀଳନୀକୁ କରିବାପାଇଁ କହିଲେ । ତନ୍ମଧ୍ୟରୁ କେତେକ ପିଲା ଅନୁଶୀଳନୀକୁ ଶୀଘ୍ର ଶେଷ କରିଲେ । ତୁଳୀକା ସେମାନଙ୍କ ପାଖକୁ ଯାଇ ପରବର୍ତ୍ତୀ ଅନୁଶୀଳନୀକୁ କରିବାକୁ କହିଲେ । ପିଲାମାନେ ଆଗରୁ ଜାଣିଥିବା ପ୍ରାଣୀମାନଙ୍କର ନାମ ତଥା ଏହିପରି ଅନେକ ସେମାନେ ଦେଖିବାକୁ ପାଇଲେ । କିଛି ସମୟ ପରେ ତୁଳୀକା ଶ୍ରେଣୀରେ ସେହି ଅନୁଶୀଳନୀଟିକୁ ଆଲୋଚନା କଲେ । ଏହା ଗୋଟିଏ କଷ୍ଟ ସାଧ୍ୟ କାର୍ଯ୍ୟ ଥିଲା । ଯେହେତୁ ଏଥିରେ ଶବ୍ଦରୁ ଅକ୍ଷରକୁ ନେଇ ବିଭିନ୍ନ ପଦ୍ଧତିରେ ଅର୍ଥବୋଧକ ଶବ୍ଦ ମାନ ଗଠନ କରିବାକୁ ଥିଲା । ଏହା ପରେ ସେ ଷଷ୍ଠ ଅନୁଶୀଳନୀକୁ ଗଲେ ଏବଂ ପିଲାମାନଙ୍କ ପାଖରୁ ଆଶାରଖିଲେ ଯେ ସେମାନେ ସବୁଠାରୁ ଉପଯୁକ୍ତ ଶବ୍ଦଟିଏ ଦିଆଯାଇଥିବା ବାକ୍ୟ ଲାଗି ବାଛିବେ । ତା'ପରେ ସେ ବାକ୍ୟଗୁଡ଼ିକୁ ପଢ଼ିଲେ ଓ ସବୁଠାରୁ ଉପଯୁକ୍ତ ଶବ୍ଦ ବାଛି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ପିଲାମାନଙ୍କୁ ପଚାରିଲେ । ଏହାପରେ ତୁଳୀକା ଅଧା ବାକ୍ୟଗୁଡ଼ିକୁ କଳାପଟାରେ ଲେଖିଲେ ଏବଂ ଶିକ୍ଷାର୍ଥୀମାନଙ୍କୁ ଅଧା ବାକ୍ୟକୁ ପୂରଣ କରିବାକୁ ଉତ୍ସାହିତ କଲେ । ଅଧିକାଂଶ ପିଲା ମୌଖିକ ଭାବରେ ଉତ୍ତରଟିକୁ ଦେବାବେଳେ କିଛି ପିଲା ଖାତାରେ ଲେଖିଲେ । ସେ ଅନୁଶୀଳନୀଟିକୁ ବାରମ୍ବାର ଅଭ୍ୟାସ କରିବା ପରେ ଶ୍ରେଣୀ କାର୍ଯ୍ୟ ଶେଷ ହେଲା ।

**ଷଷ୍ଠ ଦିବସ**

ଷଷ୍ଠ ଦିନରେ, ତୁଳୀକା ବାକ୍ୟସ୍ତରୀୟ ଅନୁଶୀଳନୀ କରିବା ଆରମ୍ଭ କଲେ । ପ୍ରଥମେ ସେ ପ୍ରଶ୍ନ-ଉତ୍ତର ପ୍ରକାରର ଅନୁଶୀଳନୀ ଗୁଡ଼ିକୁ ଆରମ୍ଭ କଲେ । ସେ ପିଲାମାନଙ୍କୁ ଅନୁଶୀଳନୀରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଗୁଡ଼ିକ ଦେବାକୁ ଉତ୍ସାହିତ କଲେ । କିଛି ପିଲା ଉତ୍ତର ଦେଲେ ଓ ଆଉ କିଛି ପିଲା ଉତ୍ତର ଦେଇପାରିଲେ ନାହିଁ । ଶିକ୍ଷାର୍ଥୀମାନଙ୍କ ଠାରୁ ଉତ୍ତର ଆଦାୟ କରିସାରିବା ପରେ ସେ ଉତ୍ତର ସମ୍ପର୍କରେ ଆଲୋଚନା କଲେ । ସେ ପ୍ରତ୍ୟେକ ପ୍ରଶ୍ନ ପାଇଁ ସର୍ବୋତ୍ତମ ଉତ୍ତରଗୁଡ଼ିକୁ କଳାପଟାରେ ଲେଖିଲେ । ଏହିପରି ଭାବରେ ସମସ୍ତ ପ୍ରଶ୍ନ-ଉତ୍ତର ଅନୁଶୀଳନୀ ଶେଷ ହେଲା ଏବଂ ପିଲାମାନେ ମଧ୍ୟ ତାକୁ ତାଙ୍କ ଖାତାରେ ଲେଖିଲେ । ସମସ୍ତ ପିଲା ଲେଖିଲେ କି ନାହିଁ ତୁଳିକା ତାହା ବୁଲି ଦେଖିଲେ । ଯେଉଁ ଛାତ୍ରମାନେ ଲେଖି ନପାରିଲେ ତୁଳୀକା ସେମାନଙ୍କୁ ଲେଖିବାରେ ସାହାଯ୍ୟ କରିଲେ ।

ତାପରେ ସେ ଚତୁର୍ଥ ଅନୁଶୀଳନୀକୁ ଗଲେ, ଯେଉଁଥିରେ ପିଲାମାନଙ୍କୁ ଦିଆଯାଇଥିବା ଗୋଟିଏ ଶବ୍ଦ ଉପରେ ବାକ୍ୟ ଗଠନ କରିବାର ଥିଲା । ସେ ମଧ୍ୟ ଏହି ଅନୁଶୀଳନୀକୁ ପ୍ରଥମେ ଆଲୋଚନା ମାଧ୍ୟମରେ କରିଥିଲେ । ସେ ପିଲାମାନଙ୍କୁ ବହୁତ ଉଦାହରଣ ଦେଇ ପ୍ରତ୍ୟେକ ଶବ୍ଦ ବୁଝିବାରେ ସାହାଯ୍ୟ କରିଲେ । କେତେକ ପିଲା ଶବ୍ଦରୁ ବାକ୍ୟ ବନେଇବାରେ ଅସୁବିଧାର ସମ୍ମୁଖୀନ ହେଲେ ଉଚ୍ଚାରଣ କରିବା ସ୍ତରରେ । ସେ ଏହି ଶବ୍ଦଗୁଡ଼ିକୁ ତଳକୁ ତଳ କଳାପଟାରେ ଲେଖିଲେ । ସମସ୍ତ ପିଲା ସର୍ବନିମ୍ନ ପାଞ୍ଚଟି ଶବ୍ଦ ବ୍ୟବହାର କରି ବାକ୍ୟ ଗଠନ କରିପାରିଲେ । ଏହି ଅନୁଶୀଳନୀର ମଧ୍ୟଭାଗରେ ଶ୍ରେଣୀକାର୍ଯ୍ୟ ସରିଗଲା । ତିନୋଟି ଶବ୍ଦକୁ ନେଇ ବାକ୍ୟ ଗଠନ କରିବାକୁ ସେ ଗୃହ କାର୍ଯ୍ୟ କରିବାକୁ ଦେଇଥିଲେ ଯାହା ରହିଯାଇଥିଲା ତାକିଲେ ।



ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ -୫**

୧. ତୁଳୀକାର ଶ୍ରେଣୀଗୃହର ଆକାର କେତେ ଜଣଙ୍କୁ ନେଇଥିଲା ?

କ) ୧୦ ଖ) ୨୦ ଗ) ୩୦ ଘ) ୪୦

୨. ଚିତ୍ରକାର୍ଡ ବ୍ୟବହାର କରିବା ପରିବର୍ତ୍ତେ ତୁଳୀକା ପିଲାମାନଙ୍କୁ ପଶୁମାନଙ୍କର ଛବି ଆଙ୍କିବାକୁ କାହିଁକି କହିଲେ ?

..........................................................................................

..........................................................................................

..........................................................................................

୩. ପିଲାମାନେ ଜାଣିଛନ୍ତି କି ନାହିଁ ତାହା ତଦାରଖ କରିବା ପାଇଁ ସେ ନିଜେ ଜାଣିଥିବା କେତେକ ପଶୁମାନଙ୍କର ନାମ ସେମାନଙ୍କୁ କହିଲେ ନାହିଁ କାହିଁକି ?

..........................................................................................

..........................................................................................

..........................................................................................

୪. ଗପଟିର ଶେଷଭାଗକୁ ବିଶଦ ଭାବେ ଆଲୋଚନା କରିବା ପରିବର୍ତ୍ତେ ସେ ପିଲାମାନଙ୍କୁ ଅନୁମାନ କରିବାକୁ କହିଲେ କାହିଁକି ?

..........................................................................................

..........................................................................................

..........................................................................................

୫. ତୃତୀୟ ଦିନରେ ତୁଳୀକା କାହିଁକି ଗପଟିର ପ୍ରଥମ ଅଧାଭାଗକୁ ପୁନରାବୃତ୍ତି କଲେ ?

..........................................................................................

..........................................................................................

..........................................................................................

୬. ଆପଣ ତୁଳୀକା ହୋଇଥିଲେ, ଏଭଳି ଏକ ପରିସ୍ଥିତିକୁ କିପରି ଆୟତ କରିପାରିଥାନ୍ତେ ଯେଉଁଠି ଏକ ଅଭିଭାବକ ବା ପିତାମାତା ଭାଷାଶିକ୍ଷାଦାନ କରିବା ପରିବର୍ତ୍ତେ ଆପଣ ଅନାବଶ୍ୟକ କାର୍ଯ୍ୟକ୍ରମ ଶ୍ରେଣୀରେ କରି ସମୟ ଅପଚୟ କରୁଥିବାର ଅଭିଯୋଗ ଆଣିଥାନ୍ତେ ?

..........................................................................................

..........................................................................................

### ୮.୬.୨ ଆଦର୍ଶ ପାଠ -୨ ସାତପୁରାର ଘଞ୍ଚ ଜଙ୍ଗଲ

ଆସନ୍ତୁ ବର୍ତ୍ତମାନ ଆମେ ଦେଖିବା ପଦ୍ୟ ଶିକ୍ଷା ଦାନ ପାଇଁ ହୀନା କିପରି ଯୋଜନା ପ୍ରସ୍ତୁତ କରିଛନ୍ତି ।

ଭୋପାଳ ସହରର ପ୍ରାନ୍ତରେ ଅଞ୍ଚଳରେ ଅବସ୍ଥିତ ମଙ୍ଗୋଲପୁରୀ ବିଦ୍ୟାଳୟରେ ହୀନା ପଞ୍ଚମଶ୍ରେଣୀର ହିନ୍ଦୀ ପଢ଼ାନ୍ତି । ସେଠାକାର ବାସିନ୍ଦାମାନେ ଛୋଟଛୋଟ କୁଡ଼ିଆ ଘରେ ବାସ କରନ୍ତି । ସେହି ଅଞ୍ଚଳରେ ଆବର୍ଜନା ନିଷ୍କାସନର ସୁବିଧା ନାହିଁ ବା ପିଇବା ପାଇଁ ସ୍ୱଚ୍ଛ ଜଳର ସୁବିଧା ନାହିଁ । ବିଦ୍ୟୁତ୍ ନାହିଁ ଓ ଏପରିକି ଭଲ ରାସ୍ତାଟିଏ ମଧ୍ୟ ନାହିଁ । ରାସ୍ତାକଡ଼ରେ ଥିବା ବତୀଖୁଣ୍ଟ ଗୋଟିଏ ମାତ୍ର ମାଧ୍ୟମ ଯାହାଦ୍ୱାରାକି ପିଲାମାନେ ସନ୍ଧ୍ୟା ସମୟରେ ପାଠ ପଢ଼ିପାରନ୍ତି । ବହୁତ ଅଭିଭାବକ ଅପାଠୁଆ ଏବଂ ଅନ୍ୟ କେତେକ ମାତ୍ର ପଞ୍ଚମ ଶ୍ରେଣୀ ଯାଏ ପଢ଼ିଛନ୍ତି । ସେଠାକାର ଲୋକମାନଙ୍କର ମୁଖ୍ୟ ପେଷା ଦିନମଜୁରୀଆ, ଅଟୋରିକ୍ସା ଚାଳକ, ଛିଣ୍ଡା ପଦାର୍ଥ ଗୋଟାଳି, ଘରୋଇ ଚାକର । ସ୍କୁଲକୁ ଯାଉଥିବା ପିଲାମାନେ ମଧ୍ୟ କେତେକ ନିଜ ପିତାମାତାଙ୍କ ସହ ଜିନିଷ ଗୋଟେଇବାରେ ସାହାଯ୍ୟ କରନ୍ତି । କେତେକ ଘରକାମରେ ନିଜ ମା'ଙ୍କୁ ମଧ୍ୟ ସାହାଯ୍ୟ କରନ୍ତି । ହୀନାର ଶ୍ରେଣୀରେ ୨୫ ଜଣ ପିଲା । ପିଲାମାନେ ଉର୍ଦ୍ଦୁ, ମାଲଭି, ଗୋଣ୍ଡି ଭାଷାର ବିଭିନ୍ନ ଶବ୍ଦ ସହିତ ହିନ୍ଦୀରେ କହନ୍ତି । ଅନେକ ପିଲା ପଢ଼ିବାକୁ ଅସମର୍ଥ । ଯିଏ ପଢ଼ିପାରୁଥିଲା ସେ ବହୁତ ଧୀରେ ପଢୁଥିଲା ଶବ୍ଦକୁ ଶବ୍ଦ ଚିହ୍ନ କରି ଯେପରି ସାତ-ପୁରା-ର-ଘ-ନ-ଜଂ-ଗ-ଲ ।

ସାତପୁରାର ଘନ ଜଙ୍ଗଲ ଏକ ପଦ୍ୟ ଯାହା ମଧ୍ୟପ୍ରଦେଶର ଘନ ଜଙ୍ଗଲ ବିଷୟରେ କହିଥାଏ । ହୀନା ଏହାକୁ ଦୁଇରୁ ତିନିଥର ବଡ଼ ପାଟିରେ ପଢ଼ିଲେ । ସେ ସାତପୁରା ବିଷୟରେ ପଢ଼ାଇବା ପାଇଁ ମଧ୍ୟପ୍ରଦେଶର ମାନଚିତ୍ରକୁ ବ୍ୟବହାର କରିଥିଲେ । ସେ ଏହି ପଦ୍ୟଟିକୁ ଚାରିଦିନ ଧରି ପଢାଇବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ନିମ୍ନରେ ତାଙ୍କର ଲକ୍ଷ୍ୟଗୁଡ଼ିକୁ ନିମ୍ନୋକ୍ତ ପ୍ରକାରେ ଥିଲା ।

- ନିଜର ଜଙ୍ଗଲର ସମ୍ପର୍କିତ ଅନୁଭୂତିକୁ ବିନିମୟ କରିବା ନିମିତ୍ତ ପିଲାମାନଙ୍କୁ ପ୍ରସ୍ତୁତ କରିବା ।
- ପଦ୍ୟ ସମ୍ପର୍କରେ କହିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ନିମିତ୍ତ ଦଳଗତ ଆଲୋଚନା ଉପାୟକୁ ଶ୍ରେଣୀ କାର୍ଯ୍ୟ ରୂପେ ଗ୍ରହଣ କରିବା ।
- ପଦ୍ୟର ଭାଷା ଓ କାବ୍ୟିକ ଶୈଳୀ ଶିଖିବା ନିମିତ୍ତ ପିଲାମାନଙ୍କୁ ସୁଯୋଗ ଦେବା ।
- ପଦ୍ୟ ସମ୍ପର୍କରେ ଲେଖି ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରିବା ।

**ତାଙ୍କର ଦିନୱାରୀ ଯୋଜନା ଥିଲା**

**ପ୍ରଥମ ଦିନ :-**

- ଜଙ୍ଗଲର ଅନୁଭୂତି ବିନିମୟ କରିବା ।
- ବିଭିନ୍ନ ଉପାୟରେ ପିଲାମାନଙ୍କୁ ସାତପୁରା ସହ ପରିଚିତ କରାଇବା ।
- ଆତ୍ମବିଶ୍ୱାସ ସହ କବିତା ଆବୃତ୍ତି ନିମିତ୍ତ ପିଲାମାନଙ୍କୁ ପ୍ରସ୍ତୁତ କରାଇବା ।
- ପଦ୍ୟ ସମ୍ପର୍କିତ ସହଭାଗୀ ବୋଧଗମ୍ୟତାର ବିକାଶ କରାଇବା ।

ଟିପ୍ପଣୀ

- ନିଜ ଭାଷା ତଥା ଶିକ୍ଷା ଦାନର ନିରୂପିତ ଭାଷା ଯାହା ଏଠାରେ ହିନ୍ଦୀରେ ପଶୁମାନଙ୍କର ନାମ କହିବା ଓ ଜାଣିବା ।

**ଦ୍ୱିତୀୟ ଦିନ :-**

- କଷ୍ଟ ଶବ୍ଦଗୁଡ଼ିକର ଅର୍ଥ ଖୋଜି ବାହାର କରିବା ଓ ସେଗୁଡ଼ିକୁ ଏକ ପ୍ରସଙ୍ଗରେ ସ୍ଥାନିତ କରିବା ।
- ଆଲୋଚନା ମାଧ୍ୟମରେ କବିତା ସମ୍ପର୍କିତ ସହଭାଗୀ ବୋଧଗମ୍ୟତା ବିକାଶ କରିବା ।
- ଯୌଗିକ ଶବ୍ଦଗୁଡ଼ିକୁ ନେଇ ଶିକ୍ଷଣ କାର୍ଯ୍ୟ କରିବା ।

**ତୃତୀୟ ଦିନ :-**

- ଆଲୋଚନା ମାଧ୍ୟମରେ କବିତାର ବୋଧଗମ୍ୟତା ।
- ପିଲାମାନଙ୍କର ଅଭିଜ୍ଞତାକୁ ଶ୍ରେଣୀ ଗୃହକୁ ଆଣିବା ।
- ଅନୁଶୀଳନୀଗୁଡ଼ିକୁ ପିଲାମାନଙ୍କ ସହିତ ମିଶି ସମାପ୍ତ କରିବା ।

**ଚତୁର୍ଥ ଦିନ :-**

- ପିଲାମାନଙ୍କ ସାହାଯ୍ୟରେ ଦତ୍ତ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ।
- ପିଲାମାନଙ୍କୁ ସେମାନଙ୍କ ଉତ୍ତର ତିଆରି କରିବାରେ ସାହାଯ୍ୟ କରିବା ।
- ମିତ୍ରାକ୍ଷର ଶବ୍ଦଗୁଡ଼ିକୁ ନେଇ କାର୍ଯ୍ୟ ପ୍ରସ୍ତୁତ କରିବା ।

**ଦିନଓ୍ୱାରୀ ପାଠ ଯୋଜନାର ସାରାଂଶ ଓ ବିଶ୍ଳେଷଣ**

**ପ୍ରଥମ ଦିନ:**

ପିଲାମାନେ ସମସ୍ତେ ଜଙ୍ଗଲ ଦେଖିଛନ୍ତି କି ନାହିଁ ପଚାରି ହୀନା ତାଙ୍କର ଶ୍ରେଣୀ କାର୍ଯ୍ୟ ଆରମ୍ଭ କଲେ ଏବଂ ଯେଉଁମାନେ ଦେଖିଛନ୍ତି ସେମାନେ ହିନ୍ଦୀରେ କହିବା ପାଇଁ କହିଲେ । ଜଙ୍ଗଲ ବିଷୟରେ ବର୍ଣ୍ଣନାକୁ ସେ ଲେଖିଲେ ଏବଂ ପଶୁ ଓ ପକ୍ଷୀଙ୍କ ନାମ ହିନ୍ଦୀରେ ଲେଖିଲେ ଯାହାକି ଦତ୍ତ ପାଠ୍ୟକ୍ରମ ଶିକ୍ଷାଦାନର ଏକ ମାଧ୍ୟମ ଥିଲା । ସେ ପିଲାମାନଙ୍କୁ ହିନ୍ଦୀରେ ପଶୁ ଓ ପକ୍ଷୀଙ୍କ ନାମ କହିବାକୁ ଉତ୍ସାହିତ କଲେ କାରଣ ସେ ଜାଣିବାକୁ ଚାହୁଁଥିଲେ ସେମାନେ ଜାଣିଛନ୍ତି କି ନାହିଁ । ଏହାପରେ ସେ ମଧ୍ୟପ୍ରଦେଶର ମାନଚିତ୍ର ଦେଖାଇ ସାତୁପରାକୁ ଚିହ୍ନଟ କରିବାକୁ କହିଲେ । ତା'ପରେ ସେ କବିତାଟିକୁ ଉପସ୍ଥାପନ କଲେ । ପ୍ରଥମଦିନରୁ ହିଁ ପିଲାମାନଙ୍କ ସହିତ କବିତା ପଠନ କାର୍ଯ୍ୟ ସେ କଲେ ଏବଂ ସେମାନଙ୍କ ଭିତରୁ ଜଣକୁ ସମ୍ପୂର୍ଣ୍ଣ କବିତାଟିକୁ ପଢ଼ିବାକୁ କହିଲେ । ଏହାପରେ ସେ ପର ପିଲାଟିକୁ କବିତାର ଦୁଇଟି ପଦ ପଢ଼ିବାକୁ କହିଲେ । ଆଲୋଚନା ଢ଼ଙ୍ଗରେ କବିତାର ବୋଧଗମ୍ୟତାରେ ଶ୍ରେଣୀକାର୍ଯ୍ୟ ସମାପ୍ତ ହୋଇଥିଲା ଯେଉଁଥିରେ ଅନୁଯୋଜନା ମାଧ୍ୟମରେ ଜଙ୍ଗଲରେ ପଶୁମାନଙ୍କର ଦୈନନ୍ଦିନ ଜୀବନ ଶୈଳୀ କିପରି ହୋଇଥିଲା ସମ୍ପର୍କିତ ଆଲୋଚନା ଅନ୍ତର୍ଭୁକ୍ତ ।

**ଦ୍ୱିତୀୟ ଦିନ :-**

ହୀନା ଦ୍ୱିତୀୟ ଦିନ ସମ୍ପୂର୍ଣ୍ଣ ପଦ୍ୟଟିକୁ ପଢ଼ି ସାରିବା ପରେ ପଦ୍ୟ ସମ୍ପର୍କିତ ଧାରଣାର ପୁନରାବୃତ୍ତି କରି ଦ୍ୱିତୀୟ ଦିନର କାର୍ଯ୍ୟ ଆରମ୍ଭ କଲେ । ପରେ ସେ ପିଲାମାନଙ୍କୁ କବିତାଟିର ତିନୋଟି ପଦ ପଢିବାକୁ କହିଲେ ଏବଂ ଶ୍ରେଣୀ ଗୃହର ଆଲୋଚନା ପାଇଁ ପଦଗୁଡ଼ିକୁ ଭାଙ୍ଗି ଛୋଟ ଛୋଟ ପ୍ରଶ୍ନରେ ଭାଗ କଲେ । ପ୍ରସଙ୍ଗ ମଝିରେ ସେ କଷ୍ଟ ଶବ୍ଦଗୁଡିକର ଆଲୋଚନା କଲେ ଓ ପିଲାମାନଙ୍କୁ ସେଥିମଧ୍ୟରୁ ବାକ୍ୟଗଠନ ପାଇଁ ପ୍ରସ୍ତୁତ କଲେ । ପିଲାମାନଙ୍କର ଯେଉଁଠି ଅସୁବିଧା ହେଉଥିଲା ସେଠାରେ ସେ ପିଲାମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିଲେ ।

**ତୃତୀୟ ଦିନ :-**

ଉଚ୍ଚପଠନ କରିବା ଓ ଆଲୋଚନା ମାଧ୍ୟମରେ କବିତାଟିକୁ ବୁଝିବାକୁ ସେମାନେ ଆରମ୍ଭ କଲେ । କବିତାଟିକୁ  ଉଚ୍ଚସ୍ୱରରେ ପଢ଼ନ୍ତୁ ଓ କବିତା ଏବଂ ଏଥିରେ ଥିବା ଶବ୍ଦଗୁଡ଼ିକର ଅର୍ଥ ଖୋଜି ବାହାର କରିବାକୁ ଆଲୋଚନା ଢ଼ଙ୍ଗକୁ ଯାଆନ୍ତୁ ଏହା ନିଶ୍ଚିତ କରିବାକୁ ସେ ଚେଷ୍ଟା କରିଥିଲେ । ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସେମାନଙ୍କୁ ନିୟୋଜିତ କରିବାରେ ସେ ସେମାନଙ୍କୁ ସାହାଯ୍ୟ କରିଥିଲେ । କବିତାଟିକୁ ଆଲୋଚନା କରିବା ପାଇଁ ଶ୍ରେଣୀକୁ ଆଗେଇ ନେବା ପାଇଁ ସେ ପ୍ରଶ୍ନମାନ ପଚାରି ଚାଲିଥିଲେ । ପରେ ସେ ଦୁଇତିନିଜଣ ପିଲାଙ୍କୁ ସମ୍ପୂର୍ଣ୍ଣ କବିତାଟିକୁ ପଢିବାକୁ କହିଲେ । ଏହାପରେ କଳାପଟାରେ ଦୁଇଟି ସ୍ତମ୍ଭ ତିଆରି କଲେ ଗୋଟିଏର ନାମ 'ମୋତେ ଜଙ୍ଗଲ ଭଲଲାଗେ ଏବଂ ଅନ୍ୟଟି ମୋତେ ଜଙ୍ଗଲ ଭଲ ଲାଗେ ନାହିଁ' ବୋଲି ରଖିଲେ । ଏହାପରେ ସେ ପିଲାମାନଙ୍କୁ ସ୍ତମ୍ଭରେ ସ୍ଥାନପୂରଣ କରିବାକୁ କହିଲେ ଏବଂ ପିଲାମାନଙ୍କର ମତାମତକୁ ଆଲୋଚନା କରିବାକୁ କହିଲେ । ଏହାପରେ ପିଲାମାନଙ୍କୁ କବିତା ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖିବାକୁ କହିଲେ । ସେ ଶ୍ରେଣୀଗୃହ ଚାରିପଟେ ବୁଲୁଥିଲେ ଏବଂ ପିଲାମାନଙ୍କୁ ଲେଖିବାରେ ସାହାଯ୍ୟ କରୁଥିଲେ ।

**ଚତୁର୍ଥ ଦିନ :-**

ତୃତୀୟ ଦିନରେ ସମାପ୍ତ କରିଥିବା ପାଠକୁ ପୁନରାବୃତ୍ତି କରି ହୀନା ଚତୁର୍ଥ ଦିନର କାର୍ଯ୍ୟ ଆରମ୍ଭ କଲେ । ପରେ ସେ କବିତା ଶେଷରେ ଥିବା ଅନୁଶୀଳନୀକୁ ଫେରିଲେ । ପାଠକୁ ସବିଶେଷ ତଥ୍ୟ ସହିତ ପିଲାମାନଙ୍କ ଆଗରେ ଆଲୋଚନା କରିଥିଲେ । ଯାହାଦ୍ୱାରା ପିଲାମାନେ ଅଳ୍ପ ଆଲୋଚନା ରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖିବାକୁ ଆରମ୍ଭ କଲେ । ସେ ମିତ୍ରାକ୍ଷର ଶବ୍ଦଗୁଡିକୁ ବାଛି ସେହିପରି ଅନୁରୂପ ଶବ୍ଦଗୁଡ଼ିକୁ କବିତାରୁ ଖୋଜି ବାହାର କରିବାକୁ କହିଲେ । ପ୍ରଶ୍ନପତ୍ରର ସମାଧାନ ନିମନ୍ତେ ଯେଉଁ ପିଲାମାନଙ୍କୁ କଷ୍ଟ ଲାଗୁଥିଲା ସେ ସେଗୁଡିକର ଉଦାହରଣ ଗୁଡିକୁ କଳାପଟାରେ ଲେଖିଲେ । ଉତ୍ତର ଦେଇଥିବା ପିଲାଙ୍କୁ ହୀନା ପ୍ରଶଂସା କଲେ । କେତେକ ପିଲା କେତକ ଶବ୍ଦ ଲେଖିଲେ ମାତ୍ର ସେଗୁଡିକୁ ଭୁଲ ଥିଲା । କିନ୍ତୁ ସେ ପିଲାମାନଙ୍କୁ ଉତ୍ସାହିତ କରୁଥିଲେ । ଯଦି ସେମାନଙ୍କୁ ଦିନକ ପାଇଁ ଜଙ୍ଗଲରେ ଛାଡ଼ିଦିଆଯାଏ ତେବେ ସେମାନେ କ'ଣ କରିବେ ସେ ବିଷୟରେ ଏକ ଅନୁଚ୍ଛେଦ ଲେଖିବାକୁ ପୁନର୍ବାର କହିଲେ । ପିଲାମାନେ ଲେଖା ଆରମ୍ଭ କଲେ ଏବଂ ହୀନା ଶ୍ରେଣୀଗୃହ ଚାରିପଟେ ବୁଲୁଥିଲେ ଏବଂ ପିଲାମାନେ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କୁ ସାହାଯ୍ୟ କରୁଥିଲେ ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ -୬**

୧. ପାଠ ଯୋଜନାର କେଉଁ ଦିନ ହୀନା ପିଲାମାନଙ୍କ ସହଯୋଗରେ ଅନୁଶୀଳନୀ କରିବାକୁ ନିଷ୍ପତ୍ତି କରିଥିଲେ ?

କ. ପ୍ରଥମ ଦିନ ଖ. ଦ୍ୱିତୀୟ ଦିନ

ଗ. ତୃତୀୟ ଦିନ ଘ. ଚତୁର୍ଥ ଦିନ

୨. ଭାଷା ଶିକ୍ଷାଦାନ ଶ୍ରେଣୀରେ ମାନଚିତ୍ର ପ୍ରଦର୍ଶନ କରିବାର ଗୁରୁତ୍ୱ କ'ଣ ଥିଲା ?

.......................................................................................

.......................................................................................

.......................................................................................

.......................................................................................

୩. ଶ୍ରେଣୀରେ ନିଜେ କବିତାର ଅର୍ଥ କଦାପି ବୁଝାଇ ନଥିବା କାରଣରୁ ଆପଣ ହୀନାକୁ ଜଣେ ଉତ୍ତମ ଶିକ୍ଷକ ରୂପେ ମୂଲ୍ୟାୟନ କରିବେ କି ? ଆପଣଙ୍କ ଉତ୍ତର ଯୁକ୍ତି ସହ ବର୍ଣ୍ଣନା କରନ୍ତୁ ।

.......................................................................................

.......................................................................................

.......................................................................................

.......................................................................................

୪. 'ଯଦି ତୁମକୁ ଜଙ୍ଗଲରେ ଏକାକି ଛାଡି ଦିଆଯାଏ ତେବେ ତୁମେ କଣ କରିବ' ଏପରି ପ୍ରଶ୍ନ ପଚାରିବା ଦ୍ୱାରା ପିଲାମାନଙ୍କର କେଉଁ ଦକ୍ଷତାର ବିକାଶ ହୋଇପାରିବ ?

.......................................................................................

.......................................................................................

.......................................................................................

.......................................................................................

୫. ପ୍ରସଙ୍ଗ ଶେଷରେ ଥିବା ପ୍ରଶ୍ନର ଉତ୍ତର ପିଲାମାନେ ନିଜେ ଦେବା ପାଇଁ ପ୍ରସ୍ତୁତ କରିବା କ'ଣ ଠିକ୍ କି ? କ'ଣ ଏକ ଉତ୍ତମ ମାଧ୍ୟମ ? ଆପଣଙ୍କର ମତାମତ ରଖନ୍ତୁ ।

.......................................................................................

.......................................................................................

.......................................................................................

### ୮.୬.୩. ବର୍ଣ୍ଣମାଳା ଶିକ୍ଷାଦାନ ପଦ୍ଧତି

ଲୋକେଶ ଦିଲ୍ଲୀର ଦେବନଗର ସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢାଉଛନ୍ତି । ବିଦ୍ୟାଳୟଟି ସହରରେ ଅଛି ମାତ୍ରର ପିଲାମାନେ, ଯେଉଁମାନେ ବିଦ୍ୟାଳୟ ଆସୁଛନ୍ତି ସେମାନେ ନିମ୍ନ ଆର୍ଥିକ ଶ୍ରେଣୀର । ବହୁ ଜଣଙ୍କ ପିତାମାତା ଦିନମଜୁରିଆ ଶ୍ରେଣୀର, ସେମାନଙ୍କର ଏପରିକି ନିଜର ଘର ମଧ୍ୟ ନାହିଁ । ସେମାନେ ସେଇଠି ରୁହନ୍ତି ଯେଉଁଠି କିଛି କାମ ଚାଲିଥାଏ ଓ କାମ ସରିଗଲା ପରେ ଜାଗା ଛାଡି ଅନ୍ୟସ୍ଥାନକୁ ଚାଲିଯାଆନ୍ତି । ସେମାନେ ସହରରୁ ସହର କାମ ପାଇଁ ବୁଲନ୍ତି । ସେମାନେ ଗୋଟେ ବିଦ୍ୟାଳୟରେ ବହୁତ ଦିନ ପର୍ଯ୍ୟନ୍ତ ରହିପାରନ୍ତି ନାହିଁ । ବର୍ଷର ୩-୪ ମାସ ସେମାନେ ବିଦ୍ୟାଳୟ ଯାଆନ୍ତି । ଏହି ପିଲାମାନଙ୍କର ବାରମ୍ବାର ଅନୁପସ୍ଥିତ ଦେଖାଯାଏ ।

ପନ୍ଦର ଜଣ ପିଲା ଶ୍ରେଣୀରେ ନାମ ଲେଖାଇଥିଲେ । ଶ୍ରେଣୀରେ ଅନ୍ୟ ୫ ଜଣ ପିଲା ଥିଲେ ଯେଉଁମାନେ କି ନାମ ଲେଖାଇଥିବା ପିଲାଙ୍କର ଭାଇ, ଭଉଣୀ ମାତ୍ର ସେମାନଙ୍କ ନାମ ଲେଖାଯାଇନଥିଲା । ଶ୍ରେଣୀରେ ଡେକ୍ସ କିମ୍ବା ବେଞ୍ଚ ନଥିଲା । କେତେକ ପିଲା ଦରିରେ ଏବଂ କେତେ ଘରୁ ଆଣିଥିବା ଆସନରେ ବସୁଥିଲେ ।

ଲୋକେଶ ହିନ୍ଦୀ ବର୍ଣ୍ଣମାଳା ପଢ଼ାଇଲେ । ସେ ପ୍ରଥମେ ଶ୍ରେଣୀରେ ଦେଖୁଥିବା ସବୁ ଜିନିଷର ନାମ କହିବାକୁ କହିଲେ । ଯାହାକି ପଙ୍ଖା, ଚେୟାର ଓ ଖାତା ଇତ୍ୟାଦି । ସେ ମଧ୍ୟ ପିଲାମାନଙ୍କ ପାଇଁ ଚିତ୍ର କଲେ ଏବଂ ସେ ସବୁର ନାମ କହିବାକୁ ପିଲାଙ୍କୁ କହିଲେ । ନିମ୍ନରେ ତାଙ୍କର ଚାରିଦିନ ପାଇଁ ପାଠ୍ୟଦାନର ବିବରଣୀ ପ୍ରଦାନ କରାଗଲା ।

- ପ୍ରସଙ୍ଗ ସହିତ ଅକ୍ଷର ଶିକ୍ଷାଦାନ କରିବା ।
- ଗଳ୍ପ କଥନ ପଦ୍ଧତି ମାଧ୍ୟମରେ ବର୍ଣ୍ଣମାଳା ଶିକ୍ଷାଦାନ କରିବା ।
- ପିଲାମାନଙ୍କର ମତାମତ ସଂପର୍କିତ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବା ।
- ସେମାନଙ୍କ ଶବ୍ଦ ଭଣ୍ଡାର ବୃଦ୍ଧି କରିବା ।

**ପ୍ରଥମ ଦିନ -** ପ୍ରସଙ୍ଗ ଆଧାରରେ 'ରା' ଅକ୍ଷର ପରିଚୟ

**ଦ୍ୱିତୀୟ ଦିନ -** ପ୍ରସଙ୍ଗ ସହିତ 'କା' ଅକ୍ଷର ପରିଚୟପ୍ରଦାନ

**ତୃତୀୟଦିନ -** ପ୍ରସଙ୍ଗ ମାଧ୍ୟମରେ 'ସ', 'ଲ' ଅକ୍ଷର ପରିଚୟ : କବିତା ପଠନ କରିବା ଓ ଅକ୍ଷର ଗୁଡିକୁ ଗୋଲ ବୁଲାଇବା ମାଧ୍ୟମରେ ଚିହ୍ନଟ କରିବା ।

**ଚତୁର୍ଥ ଦିନ -** ଏକ ପ୍ରକାର ଶବ୍ଦ ଗୁଡ଼ିକ ମଧ୍ୟରୁ ଅକ୍ଷର ଚିହ୍ନଟ । ନୂଆ ଅକ୍ଷର ଗୁଡ଼ିକୁ ଭିତ୍ତିକରି ଶବ୍ଦ ସଜ୍ଜିକରଣ ।

**ଦିନଓ୍ୱରୀ ଯୋଜନାର ସାରାଂଶ ଓ ବିଶ୍ଳେଷଣ**

**ପ୍ରଥମ ଦିନ -** ଖେଳ ମାଧ୍ୟମରେ ଲୋକେଶ 'ର' ଅକ୍ଷରକୁ ଚିହ୍ନଟ କରିବାକୁ ନିଷ୍ପତିନେଲେ । ସେ ପିଲାମାନଙ୍କୁ କିଛି ନାମ କହିବାକୁ କହିଲେ ଯେଉଁ ମାନଙ୍କ ନାମରେ ପ୍ରଥମରୁ 'ର' ଅକ୍ଷର ଥିବ ତାପରେ ସେ କଳାପଟାରେ ସେହି ନାମଗୁଡ଼ିକୁ ନିଜେ ଲେଖିଲେ ଏବଂ ସେଥିରେ 'ର' ଅକ୍ଷରକୁ

ଟିପ୍ପଣୀ

ଗୋଲ ବୁଲାଇଲେ । ତାପରେ ସେ ଏକ ଶିକ୍ଷଣକାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲା । ଯେଉଁଥିରେ ଏକ କାଳ୍ପନିକ ଯାଦୁଗର 'ର' ଥିବା ଶବ୍ଦଗୁଡ଼ିକୁ ନେଇଯିବା । ସେ କଳାପଟାରେ ବାକ୍ସଟିଏ ଅଙ୍କନ କଲେ ଏବଂ ଯାଦୁଗର ଭାବେ ଉପସ୍ଥାପନ କରି ଖୁସିରେ 'ର' ଅକ୍ଷର ଥିବା ଶବ୍ଦଗୁଡ଼ିକୁ ବାହାରକଲେ । ଯେପରି ରୁମାଲ ରିକ୍ସା, ରେଡିଓ, କଚରା ଇତ୍ୟାଦି । ଏହିପରି ଭାବେ ସେ ବହୁତ 'ର' ଥିବା ଶବ୍ଦ ଦେଖାଇଲେ ଓ ସେହିସବୁ ଶବ୍ଦକୁ କଳାପଟାରେ ଲେଖିଲେ । ଏହାପରେ ସେ ପିଲାମାନଙ୍କୁ 'ର' ଥିବା ଯେକୌଣସି ୨ଟି ଶବ୍ଦ ଲେଖିବାକୁ କହିଲେ ।

**ଦ୍ୱିତୀୟ ଦିନ:**

ଲୋକେଶ 'କ' ଅକ୍ଷରଟିକୁ ଉପସ୍ଥାପନ କରିବାକୁ ସ୍ଥିର କଲେ, ଏବଂ ସେ ସେହି ସମାନ ଅକ୍ଷରଖେଳ ପ୍ରଣାଳୀକୁ ଗ୍ରହଣ କଲେ ଯେଉଁ ଖେଳ ମାଧ୍ୟମରେ 'ର' ଅକ୍ଷରଟିକୁ ଉପସ୍ଥାପନ କରିଥିଲେ । ସେ ଏକ ବାକ୍ସର ଚିତ୍ରକଲେ ଏବଂ ଯାଦୁଗରଟି ତା ଭିତରୁ କଣ ନେବ ସେ ପିଲାଙ୍କୁ ପଚାରିଲେ । ପିଲାମାନେ ବିଭିନ୍ନ ଶବ୍ଦ ଭାବିଲେ ଯାହାକି 'କ' ଅକ୍ଷର ବିଶିଷ୍ଟ ଶବ୍ଦ । ଲୋକେଶ ସେଗୁଡ଼ିକୁ କଳାପଟାରେ ଲେଖିଲେ ଏହାପରେ ସେ ଅନ୍ୟ ଏକ ବାକ୍ସ 'ର' ପାଇଁ ଆଙ୍କିଲେ ଏବଂ ପିଲାମାନଙ୍କୁ 'ର' ଅକ୍ଷର ବିଶିଷ୍ଟ ଶବ୍ଦରେ ବାକ୍ସଟିକୁ ପୂରଣ କରିବାକୁ କହିଲେ । ଶ୍ରେଣୀରେ ସେ ପିଲାମାନଙ୍କ ସହିତ ସମସ୍ତ କାର୍ଯ୍ୟରେ ଅତ୍ୟନ୍ତ ଧୈର୍ଯ୍ୟଶୀଳ ଥିଲେ ।

**ତୃତୀୟ ଦିନ :**

ଲୋକେଶ ପୁର୍ନବାର ସେହି ଅକ୍ଷରଖେଳ ମାଧ୍ୟମରେ 'ସ' ଏବଂ 'ଲ' ଅକ୍ଷର ଶିଖାଇଲେ । ଏହାପରେ ସେ କେବଳ ପାଠ୍ୟ ପୁସ୍ତିକାରୁ ୨ଟି ପଦ୍ୟ ପଢ଼ିଲେ ଏବଂ ପିଲାଙ୍କୁ ସେଥିରୁ ସେହି ଶବ୍ଦଗୁଡ଼ିକୁ ଗୋଲ କରିବାକୁ କହିଲେ । ପିଲାମାନେ ସେହି ଚାରୋଟି ଅକ୍ଷରକୁ ନେଇ ଗଠିତ ଶବ୍ଦଗୁଡ଼ିକୁ ଗୋଲ ବୁଲାଇଲେ । ଲୋକେଶ ସଂଗେସଂଗେ କାର୍ଯ୍ୟ ପରିବର୍ତ୍ତନ କରି ଗୋଟିଏ ଗୋଟିଏ ଅକ୍ଷରକୁ ନେଇ ଗୋଲ ବୁଲାଇବାକୁ କହିଲେ ।

**ଚତୁର୍ଥ ଦିନ:**

ଏବେ ପିଲାମାନେ ଚାରୋଟି ଯାକ ଅକ୍ଷର ସହ ପରିଚିତ ହୋଇଗଲେ । ବର୍ତ୍ତମାନ ସମୟ ପୁନରାବୃତ୍ତି କରିବାର । କାରଣ ପିଲାମାନେ ଅକ୍ଷରଗୁଡ଼ିକୁ ଶିଖିସାରିଥିଲେ । ତେଣୁ ଲୋକେଶ ପିଲାମାନଙ୍କୁ ପଢ଼ାଇଥିବା ଅକ୍ଷରର ସାହାଯ୍ୟ ନେଇ ସବୁ ଅକ୍ଷରଗୁଡ଼ିକୁ ଲେଖିଦେଲେ ଏବଂ ଏହାପରେ ପିଲାମାନଙ୍କୁ ଚାରୋଟି ବାକ୍ସ କରିବାକୁ କହିଲେ । ଶବ୍ଦଗୁଡ଼ିକୁ ଉପଯୁକ୍ତ ବାକ୍ସରେ ବାଣ୍ଟିବାକୁ କହିଲେ ଏବଂ ଯାହା ନିର୍ଦ୍ଦିଷ୍ଟ ଅକ୍ଷରର ନାମ ବହନ କରିଥିବ । ସେ ଶେଷରେ 'ସଲୱାର' ଶବ୍ଦଟି କହିଲେ ଏବଂ ଏହା କେଉଁ ବାକ୍ସର ଅଟେ ବୋଲି ପଚାରିଲେ । ପିଲାମାନେ ଉତ୍ତରଟିକୁ ନିଷ୍ପତ୍ତି କରିପାରିଲେ ନାହିଁ । କାରଣ ସେମାନେ ଏହି ଶବ୍ଦଟିରେ ୩ଟି ଅକ୍ଷରକୁ ଅତିକ୍ରମ କରୁଥିଲେ । ତେଣୁ ଲୋକେଶ ଆଲୋଚନା ମାଧ୍ୟମରେ ପିଲାଙ୍କୁ ଉପଯୁକ୍ତ ଉତ୍ତର ଜାଣିବାରେ ନିଶ୍ଚିତ କରାଇଲେ ।





**ନିଜ ପ୍ରଗତିକୁ ପରଖି ଦେଖ -୭**

୧. ଲୋକେଶଙ୍କର ଚତୁର୍ଥ ଦିନର ପାଠ୍ୟଯୋଜନା କଣ ଥିଲା ?

   କ. 'ସ' ଅକ୍ଷର ପଢ଼ାଇବା

   ଖ. 'ପ' ଅକ୍ଷର ପଢ଼ାଇବା

   ଗ. 'ଛ' ଅକ୍ଷର ପଢ଼ାଇବା

   ଘ. ପାଠର ପୁନରାବୃତ୍ତି କରିବା

୨. ଅକ୍ଷର ଶିକ୍ଷାଦାନ ପାଇଁ ଲୋକେଶ ଉପଯୁକ୍ତ ପନ୍ଥା ଅବଲମ୍ବନ କରିଥିଲେ ବୋଲି ଆପଣ ଭାବୁଛନ୍ତି କି ?

୩. 'ସଲୱାର' ଶବ୍ଦଟି କେଉଁ ବାକ୍ୟର ଅଟେ ବୋଲି ଆଲୋଚନା ମାଧ୍ୟମରେ ଲୋକେଶ ଏତେ ସମୟ ବିନିଯୋଗ କରିଥିଲେ କାହିଁକି ? ସେ ସିଧା ସଳଖ ଭାବେ ଉତ୍ତର ସେମାନଙ୍କୁ କହିପାରିଥାନ୍ତେ ।

### ୮.୬.୪. ଆଦର୍ଶ ପାଠ ଯୋଜନା- ୪ ରାଧାର ଶ୍ରେଣୀ

ରାଧା ରାଜସ୍ଥାନର ଆଟାରୁ ବ୍ଳକର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ । ସେ ଇଂରାଜୀ ପଢ଼ାନ୍ତି । ସେହି ବିଦ୍ୟାଳୟରେ ଗ୍ରାମ ଏବଂ ସହରରୁ ମଧ୍ୟ ବହୁତ ପିଲା ପଢ଼ନ୍ତି । ସେମାନଙ୍କର ମଧ୍ୟରୁ କେତେଙ୍କର ଅଭିଭାବକ ଋଷଜମିରେ କାମ କରନ୍ତି, ତେଜରାତି ଦୋକାନ, ଛୋଟ ଛୋଟ ହୋଟେଲ ଏବଂ ଜୋତା ଦୋକାନରେ କାମକରନ୍ତି । ପିଲାମାନେ ଯେଉଁମାନେ ବିଦ୍ୟାଳୟକୁ ନିତି ଆସନ୍ତି ସେମାନେ ସାଧାରଣତଃ କୃଷକ ଶ୍ରେଣୀର । ରାଧାର ଶ୍ରେଣୀରେ ପିଲାମାନଙ୍କ ପାଠ ତ୍ୟାଗ ହାର ସାଧାରଣତଃ ବର୍ଷର ସେହି ସମୟ ଉପରେ ନିର୍ଭର କରିଥାଏ ଯେଉଁ ସମୟରେ ପିଲାମାନେ ଚାଷ କାର୍ଯ୍ୟରେ ପିତାମାତାଙ୍କୁ ସାହାଯ୍ୟ କରିବାରେ ଆବଶ୍ୟକତା ପଡିଥାଏ ।

ରାଧା ଅଷ୍ଟମ ଶ୍ରେଣୀର ୪୧ ଜଣ ପିଲାଙ୍କୁ ପଢ଼ାଉଛନ୍ତି । ସେ ସୁଯୋଗ ପାଇଲେ କବିତା ପଢ଼ାଇବାକୁ ଇଚ୍ଛା କରନ୍ତି । ସେ ଶ୍ରେଣୀରେ ଶିକ୍ଷାଦାନ କରିବାକୁ ଥିବା ଏକ ପାଠ ଯୋଜନାକୁ ଆମେ ବିଚାରକୁ ନେବା ଯେଉଁ ସମୟରେ ଦୁଇଦିନ ଧରି ବର୍ଷା ହେଉଥିଲା ।

ପାଠ ଯୋଜନାର ସାଧାରଣ ଉଦ୍ଦେଶ୍ୟ ଥିଲା : -

- କବିତା ଆଲୋଚନା ବେଳେ ପିଲାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ।
- କବିତା ସଂପର୍କିତ ଏକ ମାନସିକ ଛବି ଅଙ୍କନରେ ପିଲାମାନଙ୍କୁ ସମର୍ଥ କରିବ ।
- ଆଲୋଚନା ମାଧ୍ୟମରେ ସେମାନଙ୍କ ଭାଷାଗତ ଦକ୍ଷତାର ବିକାଶ କରିବ ।

**ପ୍ରଥମ ଦିନ**

୧. ବର୍ଷାଋତୁର ଅନୁଭବ ବିଷୟରେ ଆଲୋଚନା କରିବା ।

୨. ଶ୍ରେଣୀ ଗୃହରେ ବଡ଼ ପାଟିରେ କବିତା ପଢ଼ିବା ।

୩. କବିତାର ଅର୍ଥ ଆଲୋଚନା ମାଧ୍ୟମରେ ବୁଝାଇବା ।

୪. ଦଳଗତ ଆଲୋଚନା ମାଧ୍ୟମରେ କ୍ଳିଷ୍ଟ ଶବ୍ଦର ଅର୍ଥ ଖୋଜି ବାହାର କରିବା ।

ଟିପ୍ପଣୀ

**ଦ୍ୱିତୀୟ ଦିନ**

୧. ଚିତ୍ର ଆଙ୍କିବା ଏବଂ ସମ୍ବନ୍ଧବାଚକ ଶବ୍ଦର ସଂପର୍କରେ ଆଲୋଚନା କରିବା ।

୨. କବିତାର ପୃଷ୍ଠଭୂମି ସଂପର୍କରେ ଆଲୋଚନା କରିବା ।

**ତୃତୀୟ ଦିନ**

**୧.** ପିଲାମାନଙ୍କୁ ବିଶେଷଣ ପଦ ଶିଖାଇବା ଓ କବିତାରୁ ବିଶେଷଣ ପଦଗୁଡିକୁ ଖୋଜି ବାହାର କରିବାକୁ କହିବା ।

୨. ବିଶେଷଣ ପଦ ଶିଖିବେ ଏବଂ କବିତାରୁ ଏହାକୁ ବାହାର କରିବେ ।

**ଚତୁର୍ଥ ଦିନ**

୧.. ବିଷୟ ଶେଷରେ ଥିବା ଅନୁଶୀଳନକୁ ନେଇ କାର୍ଯ୍ୟ କରିବା ।

**ଦିନୱାରୀ କାର୍ଯ୍ୟର ସାରାଂଶ**

**ପ୍ରଥମ ଦିନ**

ରାଧା ପିଲାମାନଙ୍କୁ ବର୍ଷା ସଂପର୍କିତ ଅନୁଭବ ବିଷୟରେ କହିବାକୁ କହିଲେ ଏବଂ ପ୍ରଶ୍ନ ଉତ୍ତର ଢଙ୍ଗରେ ଆଲୋଚନାକୁ ଆଗେଇ ନେଲେ । ଏହାପରେ ସେ ଏକ ଖେଳ କାର୍ଯ୍ୟ ଆରମ୍ଭକଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିପିଲା ବର୍ଷା ବିଷୟରେ କହିବା ବେଳେ ମନରେ ଆସୁଥିବା ପ୍ରତିଟି ଶବ୍ଦକୁ ମନେ ପକାଇବା ପାଇଁ କହିଲେ । ଜଣେ ପିଲାକୁ ଜୋରରେ ବଡ଼ପାଟିରେ ସଂପୂର୍ଣ୍ଣ କବିତାଟିକୁ ପଢ଼ାଇବା ପାଇଁ କହିଲେ । ସେ ପିଲାଙ୍କୁ ଅଭିନୟ ମାଧ୍ୟମରେ ପଢ଼ିବାକୁ କହିଲେ । ପିଲାମାନେ ଏହା ମାଧ୍ୟମରେ କବିତାକୁ ବୁଝିପାରିଲେ ଯେତେବେଳେ ସେମାନେ କବିତା ସଂପର୍କିତ କାର୍ଯ୍ୟମାନ ଶ୍ରେଣୀରେ କଲେ ।

**ଦ୍ୱିତୀୟ ଦିନ**

ରାଧା ପିଲାମାନଙ୍କୁ ସେମାନଙ୍କର ଗ୍ରାମର ଚିତ୍ର ଆଙ୍କିବାକୁ କହିଲେ । ସେ ଅନୁମାନ କଲେ ଯେ ପିଲାମାନଙ୍କୁ ଚିତ୍ର କରିବାରେ କଷ୍ଟ ହେଉଛି । ସେ ନିଜର କାର୍ଯ୍ୟଶୈଳୀକୁ ପରିବର୍ତ୍ତନ କଲେ ଓ କହିଲେ ଯେ ସ୍କୁଲ ଠାରୁ ଘର ପର୍ଯ୍ୟନ୍ତ ରାସ୍ତାସହ ଭୂଚିହ୍ନ ଦର୍ଶାଇ ଚିତ୍ରଟିକୁ କରିବାକୁ କହିଲେ । ଯାହା କବିତାର ଏକ ଅଂଶ ଥିଲା । ଏହାପରେ ଏକ ବଡ କୁଟୀର ଓ ଏକ ଗଛର ଚିତ୍ର କଳାପଟାରେ ଆଙ୍କିବାକୁ କହିଲେ ଓ ଏଥିରେ ତଳେ, ଭିତରେ, ବାହାରେ ଆଦି ସମ୍ବନ୍ଧ ସୂଚକ ଅବ୍ୟୟ ଲେଖିବାକୁ ଗଲେ । ସେ ସେହି କୁଟୀର ଏବଂ ଗଛର ଚିତ୍ର ସାହାଯ୍ୟରେ ସମ୍ବନ୍ଧ ସୂଚକ ଅବ୍ୟୟ ବୁଝାଇଲେ । ଏହାପରେ ସେ ଇଂରାଜୀରେ ସୂଚନା ଦେଲେ । ଏହା ଛୋଟ ଛୋଟ ବାକ୍ୟ ଥିଲା ଯେପରି କଣ୍ଢେଇ ଚିତ୍ରକର । ସେ ଶ୍ରେଣୀ ମଧ୍ୟରେ ପିଲାମାନେ ଯେତେବେଳେ କାର୍ଯ୍ୟରେ ନିୟୋଜିତ ଥିଲେ ସେତେବେଳେ ସେ ଶ୍ରେଣୀରେ ବୁଲୁଥିଲେ । 'ଚାରିପଟେ' ଏବଂ 'ପଛରେ' ବୁଝାଇବା ବହୁତ କଷ୍ଟ ଥିଲା । କିନ୍ତୁ ରାଧା ଏହି ଦୁଇ ସମ୍ବନ୍ଧ ବାଚକ ଅବ୍ୟୟକୁ ସେମାନଙ୍କୁ ବୁଝାଇବା ପାଇଁ ବହୁତ ଉଦାହରଣ ମାଧ୍ୟମରେ ଭଲଭାବେ ବୁଝାଉଥିଲେ । ଏହିପରି ଭାବେ ଶ୍ରେଣୀ ସମାପ୍ତ ହୋଇଥିଲା ।

### ତୃତୀୟ ଦିନ

ରାଧା ପିଲାମାନଙ୍କୁ କବିତାଟିକୁ ପଢ଼ାଇ ସାରିବା ପରେ ଅନୁଶୀଳନୀକୁ ପ୍ରଶ୍ନୋତ୍ତର ମାଧ୍ୟମରେ ଶେଷ କଲେ । ଉଦାହରଣ ସ୍ୱରୂପ କଳାପଟାରେ ସେ ବଗିଚା ବୋଲି ଲେଖିଲେ ଏବଂ ପିଲାମାନଙ୍କୁ ବଡ଼, ନୀଳ, ସବୁଜ ଆଦି ବିଶେଷଣ ପଦକୁ ବ୍ୟବହାର କରି ବଗିଚାର ଉପସ୍ଥାପନ କରିବାକୁ କହିଲେ । ଏହାପରେ ସେ ପଦ୍ୟରେ ଦିଆଯାଇଥିବା ବିଶେଷଣ ପଦକୁ ଗୋଲ ବୁଲାଇବାକୁ କହିଲେ । ଏହି ପ୍ରକାରରେ ପିଲାମାନେ ବିସ୍ତୃତ ଛବିକୁ ଅବଧାରଣା କରିପାରିଲେ ।

### ଚତୁର୍ଥ ଦିନ

ରାଧା ଅନୁଶୀଳନୀକୁ ଗଲେ । ସେ ପ୍ରଶ୍ନଗୁଡ଼ିକୁ ବଡ଼ପାଟିରେ ପଢ଼ିଲେ ଓ ଯେତେବେଳେ ପିଲାମାନେ ପ୍ରଶ୍ନଗୁଡ଼ିକୁ ବୁଝିପାରିଲେ ନାହିଁ । ସେ ଏହାକୁ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାରେ ବୁଝାଇଲେ ଓ ସେମାନଙ୍କୁ ଉତ୍ତର ଦେବାକୁ ଉତ୍ସାହିତ କଲେ । ପିଲାମାନେ ଯାହା ଉତ୍ତର ଦେଉଥିଲେ ସେ କଳାପଟାରେ ଲେଖୁଥିଲେ । ସେ ଏହାକୁ ମଧ୍ୟ ଆଞ୍ଚଳିକ ଭାଷାରେ ଲେଖୁଥିଲେ । ସେ ଏହାପରେ ଆଲୋଚନା ମାଧ୍ୟମରେ ଉତ୍ତର ଗୁଡ଼ିକୁ ଇଂରାଜୀରେ ଲେଖିଲେ । ପରିଶେଷରେ କବିତା ଶେଷରେ ଥିବା ଉତ୍ତର ପ୍ରଶ୍ନଗୁଡିକର ଅନ୍ତିମ ଗୁଡ଼ିକୁ ପିଲାମାନେ କଳାପଟାରୁ ନିଜ ଖାତାରେ ଟିପି ଲେଖିଲେ ।

### ନିଜ ପ୍ରଗତିକୁ ପରଖି ଦେଖ -୮

୧. ରାଧା କେଉଁ ବିଷୟ ପଢ଼ାଉଥିଲେ ?

କ. ହିନ୍ଦୀ, ଖ. ଇଂରାଜୀ, ଗ. ବିଜ୍ଞାନ, ଘ. ଗଣିତ

୨. ରାଧା ଶେଷଦିନ ପିଲାଙ୍କୁ କଳାପଟାରୁ ଉତ୍ତର ଲେଖିବାକୁ କହିଲେ । ଏହାଦ୍ୱାରା ପିଲାମାନେ କୌଣସି ଭାଷା ଶିଖିଲେ କି ?

୩. ଆପଣ ସେହି ପଦ୍ୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ତୃତୀୟ ଶ୍ରେଣୀ ପାଇଁ ଏକ ପାଠ ଯୋଜନା ପ୍ରସ୍ତୁତ କରନ୍ତୁ ।

### ୮.୬.୫ ଫଳପ୍ରଦ ପାଠ ଯୋଜନା ପାଇଁ ଗଳ୍ପ କଥନ

ହରିଆନାର ଫରିଦାବାଦ ସହରରେ କୌଶଳ ପଞ୍ଚମଶ୍ରେଣୀ ପିଲାମାନଙ୍କୁ ଇଂରାଜୀ ପଢ଼ାଉଥିଲେ । ସେ ୨୫ଜଣ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ଦେଉଥିଲେ ଓ ସମସ୍ତେ ମଧ୍ୟବିତ୍ତ ପରିବାରରୁ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କର ପିତାମାତା ଦିନମଜୁରିଆ ଓ ଅନ୍ୟକେତେକ ରାସ୍ତାକଡ଼ର ଫଳ ବିକାଳି । ପିଲାମାନଙ୍କୁ ଘରର ଦୈନନ୍ଦିନ କାର୍ଯ୍ୟ କରିବାକୁ ପଡ଼େ ଓ ନିଜ ଭାଇ ଭଉଣୀମାନଙ୍କର ଯତ୍ନ ନେବାକୁ ପଡ଼େ ।

ଆଜି କୌଶଳ ହରିଆନା ଶିକ୍ଷା ପରିଷଦର ପାଠ୍ୟପୁସ୍ତକରେ ଥିବା ନବମ ଅଧ୍ୟାୟ ପଢ଼ାଇବାକୁ ଯାଉଛନ୍ତି । ସେହି ବିଷୟଟି ନରେନ୍ଦ୍ର ନାମକ ଏକ ପିଲାର ପିଲାଦିନର କାହାଣୀ ଉପରେ ପର୍ଯ୍ୟବେସିତ ଯିଏକି ଶେଷରେ ଏକ ବଡ଼ଲୋକ ହୁଅନ୍ତି । କୌଶଳ ବିଷୟଟିକୁ ଶ୍ରେଣୀକୁ ଯିବା ପୂର୍ବରୁ ପଢ଼ିଥିଲେ ।

ଟିପ୍ପଣୀ

**ପ୍ରଥମ ଦିନ :-** କୌଶଳ ସବୁ ପିଲାଙ୍କୁ ନିଜ ପିଲାଦିନର ଅନୁଭୂତି ବିଷୟରେ ପଚାରିଲେ ଏବଂ ପିଲାଦିନର କୌତୁକ ବିଷୟକୁ ଆଲୋଚନା କରିବାକୁ କହିଲେ । ଏଥିପାଇଁ କିପ୍ରକାର ଦଣ୍ଡ ପାଇଥିଲେ ସେ ବିଷୟରେ କହିବାକୁ କହିଲେ । ସେ ମଧ ନିଜ ପିଲାଦିନର ଗପକୁ କହିଲେ ଏବଂ ଯେଉଁମାନେ ଲଜ୍ଜାବସତଃ କିଛି କହୁନଥିଲେ ସେମାନଙ୍କୁ କହିବାପାଇଁ ଉତ୍ସାହିତ କଲେ । ଏହା ପିଲାମାନଙ୍କୁ ମୁହଁ ଖୋଲି ସେମାନଙ୍କର ପିଲାଦିନର ଅଭିଜ୍ଞତା ବିଷୟରେ କହିବାକୁ ସାହାଯ୍ୟ କଲା । ଏହାପରେ କୌଶଳ ବିଷୟଟିକୁ ଉଚ୍ଚସ୍ୱରରେ ପଢ଼ିବାକୁ ଲାଗିଲେ । କାରଣ ଶ୍ରେଣୀରେ ଅଧିକାଂଶ ପିଲା ଇଂରାଜୀ ପଢ଼ି ଜାଣିନଥିଲେ ଏବଂ ଯେଉଁମାନେ ପଢ଼ି ଜାଣିଥିଲେ ସେମାନେ ଦୁଇରୁ ତିନୋଟି ଶବ୍ଦ ଏକା ଥରକେ ପଢିପାରୁଥିଲେ । ସେ ବିଷୟଟିକୁ ବିଭିନ୍ନ ଅଭିନୟରେ ଓ ସ୍ୱରରେ ପଢିଲେ । ଏହି ସମୟରେ ଅଧିକ ବୁଝିବା ପାଇଁ ସେ ପ୍ରାୟତଃ ଆଞ୍ଚଳିକ ଭାଷାକୁ ପ୍ରୟୋଗ କରୁଥିଲେ । କୌଶଳ ଯେଉଁ ତିନୋଟି ଅନୁଚ୍ଛେଦ ପଢିଲେ ତାହା ନରେନ୍ଦ୍ରଙ୍କ ପିଲାଦିନ ବିଷୟରେ ଲେଖାଥିଲା । ଏହାପରେ ସେ ପିଲାମାନଙ୍କୁ ନରେନ୍ଦ୍ରର ପିଲାଦିନ କିପରି କଟିଥିଲା ସେ ବିଷୟରେ ପ୍ରଶ୍ନ ପଚାରିଲେ । ଏବଂ ପୁର୍ନବାର ବିଷୟକୁ ଫେରିଗଲେ । ପିଲାମାନେ ନରେନ୍ଦ୍ର ବିଷୟରେ କ'ଣ ଜାଣିଲେ ତାହା କହିଲେ । ଆଲୋଚନା ଓ ପର୍ଯ୍ୟାଲୋଚନା ପରେ କୌଶଳ ନିମ୍ନୋକ୍ତ କେତେକ ପ୍ରଶ୍ନ କଳାପଟାରେ ପ୍ରସ୍ତୁତ କଲେ ।

ନାମ ________________________________

ବୟସ ________________________________

ମା'ଙ୍କ ନାମ ____________________________

ବାପାଙ୍କ ନାମ – ________________________

ବାପାଙ୍କ ବୃତ୍ତି – ________________________

ତୁମେ କ'ଣ ପସନ୍ଦ କର – ____________________

ତୁମେ କ'ଣ ପସନ୍ଦ କର ନାହିଁ – ________________

କୌଶଳ ପିଲାମାନଙ୍କୁ ନରେନ୍ଦ୍ରର କାର୍ଯ୍ୟକଳାପ ବିଷୟରେ ବିଷୟରୁ ଖୋଜି ସଜେଇ କରି ଲେଖିବା ପାଇଁ ପ୍ରଥମ କାର୍ଯ୍ୟଦେଲେ । ପିଲାମାନେ ବିଷୟରୁ ଖୋଜି ସଜେଇ କରି ଲେଖିଲେ । ଏହାପରେ କୌଶଳ ପିଲାମାନଙ୍କୁ ନିଜ ନିଜର ସହପାଠୀମାନଙ୍କର ଉପରଲିଖିତ ପ୍ରଶ୍ନର ଉତ୍ତର ପୂରଣ କରିବାକୁ କହିଲେ । ପ୍ରଥମେ ପ୍ରଥମେ ପୁଅମାନେ ଝିଅମାନଙ୍କୁ ପଚାରିବାକୁ କୁଣ୍ଠିତ ହେଉଥିଲେ । ମାତ୍ର ପରେ ସେମାନେ ନିଜ ଭିତରେ ପଚରାପଚରି ହୋଇ ଲେଖିଲେ ।

**ଦ୍ୱିତୀୟ ଦିନ**

କୌଶଳ ପ୍ରଥମେ ପ୍ରଥମ ଦିନର କାର୍ଯ୍ୟକଳାପ ମାଧ୍ୟମରେ ପଚାରିଲେ । ଏହାପରେ ସଂପୂର୍ଣ୍ଣ ବିଷୟକୁ ପଢ଼ାଇ ଆଞ୍ଚଳିକ ଭାଷାରେ ଏହାକୁ ବୁଝାଇଲେ । ମାତ୍ର ସେ କେତେକ କଷ୍ଟ ଶବ୍ଦ ବ୍ୟବହାର କରୁଥିଲେ । ଏହାପରେ ଶ୍ରେଣୀକୁ ସେ ଚାରୋଟି ଦଳରେ ବିଭକ୍ତ କରି ନରେନ୍ଦ୍ର ବିଷୟରେ ଆଲୋଚନା ମାଧ୍ୟମରେ କେତେକ ଦରକାରୀ କଥା ଲେଖିବାକୁ କହିଲେ । ସେ ପିଲାମାନଙ୍କୁ ନିଜ ଆଞ୍ଚଳିକ ଭାଷା ମାଧ୍ୟମରେ ଲେଖିବାକୁ ସ୍ୱାଧୀନତା ଦେଲେ । ଏହାଦ୍ୱାରା ଶ୍ରେଣରେ ବହୁତ କୋଳାହଳ ଶୁଭୁଥିଲା ।





କାହିଁକିନା ସେମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ । ଏହାଦ୍ୱାରା କୌଶଳ ପିଲାମାନଙ୍କୁ ଶ୍ରେଣୀରେ ପାଠ ପଢ଼ା ସମୟରେ କିପରି ଧିରେ ଧିରେ କଥା ହେବାକୁ ପଡ଼େ ସେ ବିଷୟରେ ଶିକ୍ଷା ଦେଲେ ।

### ତୃତୀୟ ଦିନ

ଦଳଗତ କାର୍ଯ୍ୟ ମାଧ୍ୟମରେ ପିଲାମାନେ ଦତ୍ତ କାର୍ଯ୍ୟଟିକୁ ସଂପୂର୍ଣ୍ଣ କଲେ । କୌଶଳ ପ୍ରତ୍ୟେକ ଦଳକୁ ମାର୍କ ଦେଲେ ଏବଂ ନମ୍ବର ଅନୁସାରେ ଦଳକୁ ମଧ୍ୟ ଉପଯୁକ୍ତ ପାହ୍ୟାରେ ସ୍ଥାନିତ କରିଲେ । ଆଲୋଚନାରୁ ସେ ସୂଚକଗୁଡିକୁ ନେଇ କଳାପଟାରେ ଲେଖିଲେ । ଏହି ଆଲୋଚନା ଶ୍ରେଣୀ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିଲା ।

### ଚତୁର୍ଥ ଦିନ

ବିଷୟର ଶେଷରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପିଲାମାନଙ୍କୁ ବିଷୟରୁ ଖୋଜି ଲେଖିବା ପାଇଁ କୌଶଳ କହିଲେ ଯେହେତୁ ସେମାନେ ସଂପୂର୍ଣ୍ଣ ବିଷୟକୁ ପଢ଼ିସାରିଥିଲେ । ପିଲାମାନେ ପ୍ରଶ୍ନର ଉତ୍ତର କହିଲାବେଳେ କୌଶଳ ଏହାକୁ କଳାପଟାରେ ଲେଖୁଥିଲେ । ଏହିପରି ଭାବେ ସେ ସଂପୂର୍ଣ୍ଣ ବିଷୟଟିକୁ ଆଲୋଚନା ମାଧ୍ୟମରେ ଶେଷକଲେ ।

### ନିଜ ପ୍ରଗତିକୁ ପରଖି ଦେଖ -୯

୧. କୌଶଳ ଦ୍ୱିତୀୟ ଦିନ ଗପଟିକୁ ପଢିବା ବେଳେ ସେ କେଉଁ ଭାଷା ବ୍ୟବହାର କରୁଥିଲେ ?

(କ) ଆଞ୍ଚଳିକ ଭାଷା

(ଖ) ଇଂରାଜୀ ଭାଷା

(ଗ) ଉର୍ଦ୍ଧୁ ଭାଷା

(ଘ) ହିନ୍ଦୀ ଭାଷା

୨. କୌଶଳ କ'ଣ ପାଇଁ ନରେନ୍ଦ୍ର ବିଷୟରେ ନ ଲେଖି ନିଜ ବିଷୟରେ ଲେଖିବାକୁ ପିଲାମାନଙ୍କୁ କହିଲେ ?

୩. କୌଶଳ କ'ଣ ପାଇଁ ଶ୍ରେଣୀକୁ ଋରୋଟି ଦଳରେ ଭାଗ କଲେ ?

୪. ବଳଗତ ଶିକ୍ଷଣ କିପରି ପିଲାମାନଙ୍କୁ ଫଳପ୍ରଦ ଶିକ୍ଷଣ ଦେବାରେ ସହାୟକ ହେଲା ?

୫. ଆଲୋଚନା ଢଙ୍ଗରେ ଶିକ୍ଷାଦାନ ହେତୁ କୌଶଳଙ୍କ ଶ୍ରେଣୀରେ ଅଧିକ କୋଳାହଳ ହେଉଥିଲା । ଶ୍ରେଣୀ ପରିଚାଳନାର ଏହା ଏକ ଭଲ ଉପାୟ ବୋଲି ଆପଣ ଭାବୁଛନ୍ତି କି ? ଏହା ଶ୍ରେଣୀ ସୌଜନ୍ୟ ବୋଧର ଗୁରୁତ୍ୱକୁ ପ୍ରଭାବିତ କରୁଛି ବୋଲି ଆପଣ ଭାବୁ ନାହାଁନ୍ତି କି ? ଆପଣଙ୍କ ଉତ୍ତରର ଯୁକ୍ତିଯୁକ୍ତ ଉପସ୍ଥାପନ କରନ୍ତୁ ।

**୮.୭ ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ:**

ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ ଫଳପ୍ରଦ ପାଠ ଯୋଜନା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ ଆମର ଜୀବନ ଓ ପରିବେଶ ବିଷୟରେ ସରଳ ଓ ସୁଖକର ଧାରଣା ଦିଏ । ବର୍ତ୍ତମାନ ସୁଦ୍ଧା ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ ପତ୍ର ଶିକ୍ଷାଦାନ ନିମନ୍ତେ ଔପଚାରିକ ଶିକ୍ଷାଦାନ ଉପକରଣ ରୂପେ ବ୍ୟବହାର କରାଯାଉ ନାହିଁ । କିନ୍ତୁ ଜାଣିବା କଥା ଯେ ଏହା ଏକ ଛୋଟ ଜିନିଷ ହେଲେ ମଧ୍ୟ ଏହା ଶିକ୍ଷକ ଏବଂ ଛାତ୍ର ମଧ୍ୟରେ ସୁସଂପର୍କ ସ୍ଥାପନ କରେ ।

ଆମେମାନେ ବିଭିନ୍ନ ପ୍ରକାର ବିଜ୍ଞାପନ ଫଳକ, ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ ବିଭିନ୍ନ ବିଦ୍ୟାଳୟ, କାର୍ଯ୍ୟାଳୟ, ଦୋକାନ ଏବଂ ବଜାରରେ ଦେଖୁଛେ । ଏଗୁଡ଼ିକୁ ବୁଝିବାପାଇଁ ଆମ ମାନଙ୍କୁ ବହୁତ ପରିଶ୍ରମ ଦରକାର ହୁଏ ନାହିଁ । କାରଣ ସେଗୁଡ଼ିକ ମୌଳିକ ଉଦ୍ଦେଶ୍ୟକୁ ନେଇ ତିଆରି କରାଯାଇଥାଏ । ଏହି ସାମଗ୍ରୀ ପଠନ ଦକ୍ଷତା ବିକାଶରେ ସାହାଯ୍ୟ କରେ । ଏ ଗୁଡିକ ଭଲ ଉପାୟ ଯାହାକି ଅନ୍ୟଭାଷା ବିଷୟରେ ଜାଣିବାରେ ସହାୟକ ହୁଏ । ଏହାର ବିଭିନ୍ନ ପ୍ରକାର ମାର୍ଗ ଅଛି । ଯାହାକୁ କି ବିଭିନ୍ନ ପ୍ରକାରର ବ୍ୟବହାରରେ ଲଗାଯାଏ । ତୁମେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ପ୍ରଚାର ଫର୍ଦ୍ଦ, ବିଜ୍ଞାପନ ଫଳକ ଓ ବିଜ୍ଞାପନ ଚିତ୍ର ମାଧ୍ୟମରେ ତିଆରି ଏକ ପ୍ରକଳ୍ପ କରିବାକୁ କହିବ । ଆମେମାନେ ପ୍ରଚାର ଫର୍ଦ୍ଦକୁ ପଠନ ଶୈଳୀର ବିକାଶ କରିବା ସହିତ ଚିତ୍ର ଫର୍ଦ୍ଦ ଓ ଉପସ୍ଥାପନ କରିବାରେ ମଧ୍ୟ ବ୍ୟବହାର କରିପାରିବା ।

ପ୍ରାଥମିକ ଶ୍ରେଣୀରେ ପିଲାମାନେ ପ୍ରଣାଳୀଗତ ଭାବେ ଶବ୍ଦଗୁଡ଼ିକୁ ଚିତ୍ରରୁ ବାହାର କରି ଲେଖିବେ । ତୁମେ ସେମାନଙ୍କୁ ଏକ ବିଜ୍ଞାପନ ଫଳକକୁ ଦେଖାଇ ପଚାରି ପାରିବ ଯେ ତୁମେମାନେ କ'ଣ ଶିଖୁଛ ଏବଂ ଏହି ବୋର୍ଡ଼ ତୁମକୁ କ'ଣ କରିବାକୁ ଚାହୁଁଛି । ସେଗୁଡ଼ିକର ପ୍ରତିକ କିମ୍ବା ଚିତ୍ର ଭିତରେ, ଲେଖାମଧ୍ୟରେ କ'ଣ ଲେଖାଯାଇଛି ଇତ୍ୟାଦି ପଢ଼ିବାକୁ କହିବ । ସେମାନେ ନିଶ୍ଚୟ କହିବେ ମୌଳିକ ଭାବେ ସେଥିରୁ କ'ଣ ଶିଖିଲେ । ଆମେମାନେ ପିଲାମାନଙ୍କୁ ନିଜ ନିଜ ଭାଷାରେ ସେହି ବାର୍ତ୍ତା ଗୁଡିକୁ ଲେଖିବାକୁ କହିବା ।

**ନିଜେ ନିଜ ପ୍ରଗତିକୁ ପରଖ -୧୦**

୧. ଆମ ଚର୍ତୁପାଶ୍ୱର ଜିନିଷ ଗୁଡିକ ବିଷୟରେ ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ ଆମକୁ କେଉଁ ଉପାୟରେ ଉପସ୍ଥାପିତ କରିଥାଏ ?

କ. କଷ୍ଟ ଉପାୟରେ

ଖ. ଅନାକର୍ଷଣୀୟ ଉପାୟରେ

ଗ. ସହଜ ଏବଂ ଆକର୍ଷଣୀୟ ଉପାୟରେ

ଘ. ବିରକ୍ତିକର ଉପାୟରେ

୨. ନିଜ ଅଞ୍ଚଳରେ ଦେଖିଥିବା ୨୦ଟି ପ୍ରଚାର ଫର୍ଦ୍ଦ ଓ ବିଜ୍ଞାପନ ଫଳକର ତାଲିକା ପ୍ରସ୍ତୁତ କର ।

୩. ପଞ୍ଚମ ଶ୍ରେଣୀର ପାଠଯୋଜନା ନିମନ୍ତେ ଆମେ କେଉଁ ପ୍ରକାର ବିଜ୍ଞାପନ ତିଆରି କରିବା ? ୫ଟି ପ୍ରଶ୍ନ ତିଆରି କର ଯାହାକୁ ଏ ବିଷୟରେ ପଚରାଯାଇପାରିବ ।

୪. ଭାଷା ପଢ଼ାଯାଉଥିବା ସମୟରେ ଏହାର ବ୍ୟବହାର ବିଷୟରେ ତୁମର ମତ କ'ଣ ? କ'ଣ ଏହି ବିଜ୍ଞାପନ ଓ ପ୍ରଚାର ଫର୍ଦ୍ଦକୁ ଅନ୍ୟ ମାଧ୍ୟମରେ ବ୍ୟବହାର କରାଯାଇପାରିବ ?

୫. ତୁମେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀପାଇଁ ପାଠ ଯୋଜନା ନିମନ୍ତେ ଏକ ବିଜ୍ଞାପନ ଫଳକ ପ୍ରସ୍ତୁତ କର । କେତେକ ପ୍ରଚାର ଫର୍ଦ୍ଦକୁ ଶିକ୍ଷାଦାନ ସାମଗ୍ରୀ ଭାବେ ବ୍ୟବହାର କରି ଚତୁର୍ଥ ଶ୍ରେଣୀ ପାଇଁ ଏକ ପାଠ ଯୋଜନା ପ୍ରସ୍ତୁତ କର ।

ଶ୍ରେଣୀର ଦୁଇ ପ୍ରମୁଖ ଉପାଦାନ ଶିକ୍ଷକ ଏବଂ ଶିକ୍ଷାର୍ଥୀ । ଶ୍ରେଣୀ ଗୃହରେ ଉଭୟେ ଉଭୟଙ୍କ ଠାରୁ ଜ୍ଞାନ ଆହରଣ ଓ ଉଭୟଙ୍କର ଜ୍ଞାନ ବୃଦ୍ଧିକରିବାର ସୁଯୋଗ ଥାଏ । ଶିକ୍ଷଣ ପ୍ରକ୍ରିୟାର ସବୁସମୟରେ ଶିକ୍ଷକ ଏବଂ ଛାତ୍ର ଉଭୟ ଥାନ୍ତି । ଶ୍ରେଣୀଗୃହରେ ଅନ୍ୟ ମୁଖ୍ୟ ଉପାଦାନ ହେଲା ପାଠ ପୁସ୍ତକ,ପାଠ ଏକକ, ମୂଲ୍ୟାୟନ, ପିଲାମାନେ ପାଉଥିବା ଅଭିଜ୍ଞତା ଏବଂ ଅଭିଭାବକ ମାନଙ୍କର ପ୍ରତ୍ୟାଶା ଇତ୍ୟାଦି । ଏକ ପାଠ ଯୋଜନା କରିବା ସମୟରେ ଏହି ସମସ୍ତ ଉପାଦାନ ଗୁଡ଼ିକ ଦୃଷ୍ଟିରେ ରହିବା ଆବଶ୍ୟକ । ପାଠ ଯୋଜନା ଗୁଡ଼ିକ ପ୍ରସ୍ତୁତିରେ ଉଭୟ ନିର୍ଦ୍ଦିଷ୍ଟତା (କଠୋରତା) ଏବଂ ନମନୀୟତା ରହିବା ଆବଶ୍ୟକ । ଶିକ୍ଷାଦାନର ଉଦ୍ଦେଶ୍ୟ ପୂର୍ଣ୍ଣ ନିମନ୍ତେ ଦୃଢ଼ତା ଓ ଶିକ୍ଷାଦାନ ସମୟରେ ପିଲାମାନଙ୍କର ବାସ୍ତବ ଅସୁବିଧା ଗୁଡ଼ିକ ପାଇଁ ନମନୀୟତା ଆବଶ୍ୟକ ।

ଅତଏବ୍ ଶିକ୍ଷକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡ଼ିକୁ ଦୃଷ୍ଟିରେ ରଖିବା ସହିତ ନିର୍ଘଣ୍ଟର କିଛି ଶେଷ ସମୟକୁ ଶ୍ରେଣୀ ଗୃହରେ ପରିଲକ୍ଷିତ ହୋଇଥିବା ପିଲାମାନଙ୍କର ଆବଶ୍ୟକତା ଗୁଡ଼ିକୁ ଗୁରୁତ୍ୱ ଦେବା ଆବଶ୍ୟକ । ପାଠ୍ୟ ଯୋଜନା ସମୟରେ ଶିକ୍ଷକ ଶୈକ୍ଷିକ ଉଦ୍ଦେଶ୍ୟ ଗୁଡ଼ିକ ଏପରି ସ୍ଥିରୀକୃତ କରିବା ଆବଶ୍ୟକ ଯାହା ବାସ୍ତବରେ ହାସଲ ହୋଇପାରିବ ଏବଂ ସେଗୁଡ଼ିକୁ ଦୃଷ୍ଟିରେ ରଖି କ୍ରମାନ୍ୱୟ ଭାବେ ଶିକ୍ଷଣ ପ୍ରକ୍ରିୟାକୁ ଆଗେଇ ନେଇ ହେବ । ଯଦିଓ ଆବଶ୍ୟକ ସ୍ଥଳେ ଶ୍ରେଣୀଗୃହରେ ଶିକ୍ଷଣ କାର୍ଯ୍ୟ ଗୁଡ଼ିକୁ ପରିବର୍ତ୍ତନ କରିବାକୁ ପଡ଼ିଥାଏ । ପାଠ ଯୋଜନା କିପରି ପ୍ରସ୍ତୁତ କରିବାକୁ ହୁଏ ଏବଂ ଭାଷା ଆହରଣକୁ ଲକ୍ଷ୍ୟରେ ରଖି ପାଠକୁ କିପରି ବିଭାଗୀକରଣ କରିବା ଆସ ସେ ବିଷୟରେ ଦେଖିବା ।

୧. ଶ୍ରେଣୀ ସମୟ:- ଶିକ୍ଷକ ପ୍ରଥମେ ଜାଣିବା କଥା ଯେ ଗୋଟିଏ ସପ୍ତାହରେ ଓ ବର୍ଷରେ ପାଠ୍ୟକ୍ରମ ସମାପ୍ତ କରିବା ଲାଗି କେତୋଟି ଶିକ୍ଷଣ ଦିବସ ଏବଂ ଶିକ୍ଷାଦାନ ନିମନ୍ତେ କେତେ ଘଣ୍ଟା ମିଳୁଛି । ପ୍ରତି ପାଠ ଏକକ ପାଇଁ ଆପଣ ପାଉଥିବା ଦୀର୍ଘତା ଓ ଅବଧି ଜାଣିବା ଶିକ୍ଷାଦାନର ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ସହାୟକ ହୁଏ । ଗୋଟିଏ ବର୍ଷରେ ଶିକ୍ଷାଦାନ ପାଇଁ ମିଳୁଥିବା କେତୋଟି ଦିବସ ଏବଂ କେତେ ଘଣ୍ଟା ମିଳୁଛି ଜାଣିଲେ ପାଠ୍ୟକ୍ରମକୁ ବର୍ଷ ଭିତରେ ସାରିବା ସହିତ ପାଠ୍ୟକ୍ରମର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇପାରିବ ।

୨. ଶ୍ରେଣୀର ଆକାର ଏବଂ ଶିକ୍ଷାର୍ଥୀମାନଙ୍କର ବୟସ ।

୩. ପ୍ରସଙ୍ଗର ନାମ ।

ଟିପ୍ପଣୀ

୪. ପୂର୍ବ ଜ୍ଞାନ:

ପାଠ ଯୋଜନା କରିବା ସମୟରେ ପିଲାମାନଙ୍କର ପୂର୍ବ ଜ୍ଞାନ ଜାଣିବା ନିହାତି ଆବଶ୍ୟକ କାରଣ ପିଲାଙ୍କର ପୂର୍ବ ଅଭିଜ୍ଞତାକୁ ଭିତ୍ତି କରି ପରବର୍ତ୍ତୀ ପାଠ ଯୋଜନା ପ୍ରସ୍ତୁତ କରାଗଲେ ଶିକ୍ଷାଦାନ ଓ ଶିକ୍ଷଣର ଉଦ୍ଦେଶ୍ୟ ଗୁଡ଼ିକୁ ହାସଲ କରିବା ସହଜ ହେବ । ଯଦି ଜଣେ ଶିକ୍ଷକ ତୃତୀୟ ଶ୍ରେଣୀରେ ଇଂରାଜୀ ପଢ଼ାଉଛନ୍ତି ସେ ଆଶା କରିଥାନ୍ତି ଯେ, ପିଲା ମାନେ ଇଂରାଜୀର ସଂଖ୍ୟା ଓ ଅକ୍ଷର ଗୁଡ଼ିକ ଶିଖିବା ଉଚିତ୍ । ଯଦି ଶ୍ରେଣୀରେ ଏହା ଜାଣିନଥିବା ପିଲା ଥାଆନ୍ତି ତେବେ ଶିକ୍ଷକ ନିଜ ଯୋଜନାରେ ଏପରି ଉପାୟରେ ସମଯୋଜନ କରିବା ଦରକାର ଶ୍ରେଣୀର ନିମ୍ନସ୍ତରର ଇଂରାଜୀ ଦକ୍ଷତାଥିବା ପିଲାମାନଙ୍କୁ ସାମିଲ କରି ପାରିବ ।

୫. ସାଧାରଣ ଉଦ୍ଦେଶ୍ୟ – ଏହା ପାଠ ମାଧ୍ୟମରେ ଆପଣ ହାସଲ କରିବାକୁ ଚାହୁଁଥିବା ସାମଗ୍ରୀକ ଉଦ୍ଦେଶ୍ୟ ଅଟେ ।

୬. ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ – ଏହି ଉଦ୍ଦେଶ୍ୟ ଦିନଓ୍ୱାରୀ ଯୋଜନା ସହ ସଂପର୍କିତ ଯାହା ଶ୍ରେଣୀର ଗୋଟିଏ ଦିନ / ନିର୍ଘଣ୍ଟରେ ଘଟିଥାଏ ତାହା ବର୍ଣ୍ଣନା କରିବାକୁ ଲକ୍ଷ୍ୟ ରଖିଥାଏ ।

୭. ପଦ୍ଧତି / ପ୍ରକ୍ରିୟା – ବିଷୟର ସାଧାରଣ ତଥା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଲକ୍ଷ୍ୟରଖି ଶ୍ରେଣୀରେ ଅଗ୍ରଗତିର ଧାରାକୁ ପଦ୍ଧତି/ ପ୍ରକ୍ରିୟା କୁହାଯାଏ ।

୮. ସ୍ୱମୂଲ୍ୟାୟନ :– ଏହି ସ୍ଥାନଟିକୁ ଫାଙ୍କା ଛାଡି ଦିଅନ୍ତୁ । ଶିକ୍ଷକ ନିଜର ଶିକ୍ଷାଦାନର ଶ୍ରେଣୀ ମୂଲ୍ୟାୟନ ପରେ ଏହି ସ୍ଥାନଟିକୁ ନିଶ୍ଚିତ ପୂରଣ କରିବା ଉଚିତ୍ । ଶ୍ରେଣୀରେ କ'ଣ ଠିକ୍ ହେଲା ଓ କ'ଣ ଭୂଲ ଏବଂ ଆଶା କରାଯାଉ ଥିବା ଉଦ୍ଦେଶ୍ୟ ଗୁଡିକ ହାସଲ ହେଲା କି ନାହିଁ ତାହା ଏଠାରେ ଶିକ୍ଷକଙ୍କୁ ଲେଖିବାକୁ ହେବ । ଆପଣଙ୍କୁ ଶ୍ରେଣୀରେ ପାଠ ଯୋଜନାରେ କାହିଁକି ପରିବର୍ତ୍ତନ କରିବାକୁ ହେଲା ଦର୍ଶାଇବାରେ ଏହି କଥା ସାହାଯ୍ୟ କରିବ ।

୯. ପରାମର୍ଶ / ମନ୍ତବ୍ୟ :– ଆପଣଙ୍କ ଶ୍ରେଣୀ ଅନୁଭୂତିକୁ ଲେଖିବାରେ ଏହି ଭାଗ ଆପଣଙ୍କୁ ସାହାଯ୍ୟ କରିଥାଏ ଏବଂ ଆପଣ ଯୋଜନା କରିଥିବା କାର୍ଯ୍ୟଗୁଡିକୁ ସମଯୋଜନକରଣରେ ଆପଣଙ୍କୁ ସାହାଯ୍ୟ କରେ । ପ୍ରଥମ ଦିନ ଶିକ୍ଷଣକାର୍ଯ୍ୟର ସଫଳତା ଆଧାରରେ ଯୋଜନାର ଅବଶିଷ୍ଟ ଭାଗର ସାଧନ ଯୋଗ୍ୟତା ଅନୁସନ୍ଧାନ କରିବାରେ ଏହା ଆପଣଙ୍କୁ ସାହାଯ୍ୟ କରିବ ।

**ନିଜ ପ୍ରଗତିକୁ ପରଖି ଦେଖ – ୧୧**

୧. ଗୋଟିଏ ପାଠ ଯୋଜନା ପ୍ରସ୍ତୁତ କରିବା ସମୟରେ ଆପଣ ସାଧାରଣତଃ କେତେ କଥା ମନରେ ରଖିବା ଉଚିତ ?

କ) ଚାରି　　ଖ) ପାଞ୍ଚ　　ଗ) ନଅ　　ଘ) ବାର

୨. ସ୍ୱ – ଆକଳନ କ'ଣ ?

..........................................................................................

..........................................................................................

..........................................................................................

୩. ସାଧାରଣ ବା ସାର୍ବଜନୀନ ବା ସାମଗ୍ରୀକ ଉଦ୍ଦେଶ୍ୟ ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ?

...........................................................................................

...........................................................................................

...........................................................................................

୪. ପାଠ ଯୋଜନା ପ୍ରସ୍ତୁତିରେ ଆପଣ କ'ଣ ସବୁ ଅନ୍ତର୍ଭୁକ୍ତ କରିଥାନ୍ତି ?

...........................................................................................

...........................................................................................

...........................................................................................

ବିଭିନ୍ନ ନମୂନା ମାଧ୍ୟମରେ ଆଦର୍ଶ ପାଠ ଯୋଜନା କିପରି ପ୍ରସ୍ତୁତ କରାଯାଇପାରିବ ସେଥିନିମିତ୍ତ ଏହି ଏକକ ଆପଣଙ୍କୁ ନିଶ୍ଚିତ ସାହାଯ୍ୟ କରିବ । କୋଟ୍ରାର ଗୋଟିଏ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ଜାପାନ ବିଷୟରେ 'ମହିମା' ପ୍ରସ୍ତୁତ କରିଥିବା ଯୋଜନାକୁ ଆପଣ ନିଶ୍ଚିତ ପର୍ଯ୍ୟବେକ୍ଷଣ କରିଥିବେ । ଉଦାହରଣ ସ୍ୱରୂପ ଜାପାନ ବିଷୟରେ କହି ଓ ପରେ ତାଙ୍କ ସଂସ୍କୃତି ଓ ପର୍ବପର୍ବାଣିକୁ ଯାଇ ମହିମା କିପରି ଶ୍ରେଣୀ କାର୍ଯ୍ୟ ଆରମ୍ଭ କଲେ ତାହା ଆମେ ଦେଖିଲେ । ସେ ପୃଥିବୀ ମାନଚିତ୍ରର ସାହାଯ୍ୟ ନେଲେ ଓ ସେଥିରେ କେଉଁଠି ଜାପାନ ଅଛି ତାହା ଦେଖାଇଲେ । ସେ ମଧ୍ୟ, ଏଥିରେ ଟୋକିଓ ଯାହା ଜାପାନର ରାଜଧାନୀ ତାହା ଦେଖାଇଲେ । ଜାପାନର ପର୍ବପର୍ବାଣି, ପୋଷାକପରିଛଦ, ସାମାଜିକ ପ୍ରଥା, ଖାଦ୍ୟ, ଫୁଲ କାର୍ଯ୍ୟ ଇତ୍ୟାଦି ସଂପର୍କରେ କହି ସେ ପିଲାମାନଙ୍କ ଆଗରେ ଏକ ଜୀବନ୍ତ ଉଦାହରଣ ଉପସ୍ଥାପନ କଲେ । ଏହାପରେ ବିଷୟରେ ଥିବା ଛବି ଗୁଡ଼ିକ ଉପରେ ଆଲୋଚନା ହୋଇପାରିଥାନ୍ତା ଓ ଏଥିରେ ଥିବା କଷ୍ଟଶବ୍ଦଗୁଡ଼ିକର ଅର୍ଥ ଆଲୋଚନା ବି ହୋଇପାରିଥାନ୍ତା । ଏହି ପ୍ରଚେଷ୍ଟା ପିଲାମାନଙ୍କ ଉପରେ କେନ୍ଦ୍ରୀଭୂତ ହୋଇପାରେ ଓ ସେମାନେ ବିଷୟଟିକୁ ଯେପରି ଉପାୟରେ ବୁଝିବା ଉଚିତ ତାହା ଦଳଗତ କାର୍ଯ୍ୟ ଓ ବ୍ୟକ୍ତିଗତ ଉପଲବ୍ଧି । ପ୍ରତ୍ୟେକ ଅନୁଚ୍ଛେଦର ସମାପ୍ତିରେ ଆପଣ ଅନୁଶୀଳନୀ ସଂପର୍କିତ ପ୍ରଶ୍ନମାନ ପଚାରି ପାରନ୍ତି । ପ୍ରକଳ୍ପ ଓ କୃତିନାମରେ ପାଠ ୧୦ରେ ଏକ ବିଭାଗ ଅଛି ଯାହା ଜାପାନ ସଂପର୍କରେ ଅନେକ ସାମଗ୍ରୀ ପିଲାମାନେ ଆଣିବାକୁ ଆଶା କରିଥାଏ । ସେ ଶ୍ରେଣୀରେ ପିଲାମାନଙ୍କ ପ୍ରକଳ୍ପକାର୍ଯ୍ୟର ଏକ ପ୍ରଦର୍ଶନୀ କରିପାରିଥାନ୍ତେ ।

## ୮.୯ ସାରାଂଶ

- ଆମେ ଯଦି ଆମର ପାଠ ଯୋଜନା ଉତ୍ତମ ରୂପେ କରିବା ତେବେ ଅତି ଶୃଙ୍ଖଳିତ ଭାବେ ଆମେ ଶିକ୍ଷାଦାନ କରିପାରିବା ।
- ପିଲାମାନଙ୍କର ପୃଷ୍ଠଭୂମି ଜାଣିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଶ୍ରେଣୀ ପରିସ୍ଥିତି ଓ ବିଷୟ ପ୍ରସଙ୍ଗର ପୃଷ୍ଠଭୂମି ଏକ ସଫଳ ପାଠ ଯୋଜନା ପ୍ରସ୍ତୁତିରେ ସମର୍ଥ କରାଇବ ।
- ପ୍ରାଥମିକ ସ୍ତରରେ ପିଲାମାନେ ବିନା ଦ୍ୱିଧାରେ କହିବାକୁ ଓ ସେମାନେ ଜାଣିଥିବା ଭାଷା ବ୍ୟବହାର କରିବାକୁ ଅନୁମତି ଦିଆଯିବା ଉଚିତ୍ ।



ଟିପ୍ପଣୀ

- ପିଲାମାନେ ସମସ୍ତ ଶ୍ରେଣୀଗୃହ କାର୍ଯ୍ୟରେ ସକ୍ରୀୟ ଅଂଶଗ୍ରହଣ କରିବା ଉଚିତ୍ । ଏକ ତରଫା ଶିକ୍ଷକଙ୍କ କଥନ ଫଳପ୍ରସୂ ପ୍ରମାଣିତ ହୋଇ ନପାରେ ।
- ଶ୍ରେଣୀରେ ଶିକ୍ଷାଦାନ ନିମିତ୍ତ କରିଥିବା ଯୋଜନା ଅନୁସାରେ ଯେ କେବଳ ପିଲାମାନେ ଶିଖନ୍ତି ତାହା ଆବଶ୍ୟକ ରୂପେ ସତ୍ୟ ନୁହେଁ । ପିଲାମାନଙ୍କର ନିଜସ୍ୱ ଚିନ୍ତନ ପ୍ରକ୍ରିୟା ଅଛି ଓ ସେମାନେ ତାହାକୁ ଶିକ୍ଷଣ ପାଇଁ ବିନିଯୋଗ କରନ୍ତି । ଯେଉଁଥି ପାଇଁ ଆପଣ ପାଠ ଯୋଜନା କରିବା ସମୟରେ ସେମାନଙ୍କୁ ଚିନ୍ତନ କାର୍ଯ୍ୟରେ କିପରି ଓ କାହିଁକି ନିୟୋଜିତ କରିବେ ତାହା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।
- ପିଲାମାନେ ଦେଇଥିବା ପ୍ରତ୍ୟେକ ଉତ୍ତର ଭିତରୁ ତ୍ରୁଟି ଖୋଜିବା ପରିବର୍ତ୍ତେ, ଉତ୍ତର ଦେବା ସମୟରେ ପ୍ରଶ୍ନଗୁଡ଼ିକୁ ନେଇ ପିଲାମାନେ କ'ଣ କରିଛନ୍ତି ତାହା ଶିକ୍ଷକ ଦେଖିବା ଉଚିତ । ତ୍ରୁଟି ମାଧ୍ୟମରେ ଶିକ୍ଷଣକୁ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆହରଣ ମାଧ୍ୟମରେ ଦେଖିବା ଦରକାର । କ'ଣ, ଯାହା ପିଲାଟି ଠିକ୍ କରିଛି ? ଏହିଭଳି ପ୍ରଶ୍ନ ଶିକ୍ଷକ ନିଜକୁ ପଚାରିବ ଉଚିତ୍ । କିନ୍ତୁ ଦୁର୍ଭାଗ୍ୟ, ଆମର ଧ୍ୟାନ ସର୍ବଦା ତ୍ରୁଟି ଉପରେ କେନ୍ଦ୍ରୀଭୂତ ହୋଇଥାଏ ।
- ଶ୍ରେଣୀକୁ ଆସିବା ପୂର୍ବରୁ ଯଦି ଶିକ୍ଷକ ପ୍ରସଙ୍ଗଟିକୁ ଦୁଇ ତିନିଥର ପଢ଼ିପାରିବେ ତେବେ ଶ୍ରେଣୀରେ ଆବଶ୍ୟକ ହେଉଥିବା ଶିକ୍ଷଣ କାର୍ଯ୍ୟର ଯତ୍ନନେବା ଓ ସମଯୋଜନ କରିବା ସହଜ ହୋଇଯିବ ।
- ପାଠ ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଶିକ୍ଷକ ଶ୍ରେଣୀର ଆକାର, ପିଲାମାନଙ୍କର ବୟସ. ଶ୍ରେଣୀର ସ୍ଥିତି, ପିଲାମାନଙ୍କର ପ୍ରସଙ୍ଗ ସଂପର୍କିତ ଜ୍ଞାନର ପୃଷ୍ଠଭୂମି ଆଦି ସଂପର୍କରେ ଜାଣିବା ଉଚିତ୍ ।

**ଶିକ୍ଷଣ କାର୍ଯ୍ୟ**

ତିନୋଟି ପାଠ ଯୋଜନା ପ୍ରସ୍ତୁତ କରନ୍ତୁ - ଗୋଟିଏ ପଦ୍ୟ ଶିକ୍ଷାଦାନ ଉପରେ, ଗୋଟିଏ ଗଳ୍ପ ଉପରେ ଓ ଅନ୍ୟଟି ନାଟକ ଶିକ୍ଷାଦାନ ଉପରେ ଏବଂ ପାଠ ଯୋଜନା ଗୁଡ଼ିକୁ ପିଲାମାନଙ୍କ ଉପରେ ପ୍ରାକ୍ ପରୀକ୍ଷଣ କରନ୍ତୁ । ଆପଣଙ୍କ ଅଭିଜ୍ଞତାକୁ ଲିପିବଦ୍ଧ କରନ୍ତୁ ।

## ୮.୧୦. ସହାୟକ ପୁସ୍ତିକା ଓ ପ୍ରବନ୍ଧ ସୂଚୀ


- Hindi Bhag - 2, (2000) Patna: Bihar State Textbook Publishing Corporation Limited
- English Book – 5, (2004) Panchkula: Haryana Government, Text Book Press


## ୮.୧୧. ପାଠାନ୍ତ ପ୍ରଶ୍ନାବଳୀ

୧. ଏହି ଏକକରେ ଆପଣଙ୍କ ଆଗରେ ଉପସ୍ଥାପିତ ଆଦର୍ଶ ପାଠ ଯୋଜନାରୁ ଆପଣ ବୁଝିଥିବା କଥା ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ନିମ୍ନୋକ୍ତ ଦିଗଗୁଡ଼ିକ ଆଧାରରେ ଉତ୍ତରଟିର ଆଲୋଚନା କରନ୍ତୁ ।

କ) ଶିକ୍ଷକଙ୍କ ଭୂମିକା

ଖ) ଶିକ୍ଷାର୍ଥୀଙ୍କ ଦ୍ୱାରା ଶ୍ରେଣୀରେ ଅଂଶ ଗ୍ରହଣ

ଗ) ପ୍ରସଙ୍ଗ ଆଧାରିତ କାର୍ଯ୍ୟ

ଘ) ପ୍ରଶ୍ନ-ଉତ୍ତର ଆଲୋଚନାର ଉପାୟ

୨. ମହିମାଙ୍କ ଶ୍ରେଣୀ ଓ ଅନ୍ୟାନ୍ୟ ଶ୍ରେଣୀ ମଧ୍ୟରେ କ'ଣ ଅତି ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି ?

୩. ଯେ କୌଣସି ଶ୍ରେଣୀରେ ଶିକ୍ଷାଦାନ ପୂର୍ବରୁ ଆପଣ କ'ଣ ପ୍ରାଥମିକ ଜିନିଷଗୁଡ଼ିକ ନିଶ୍ଚିତ ଏକତ୍ର କରିବା ଆବଶ୍ୟକ ଓ କାହିଁକି ? ଗୋଟିଏ ପାଠ ଯୋଜନା କଲାବେଳେ ଏହା କ'ଣ ପାର୍ଥକ୍ୟ ଆଣିବ ?

୪. ଜାପାନ ବିଷୟ ପଢାଇବାକୁ ଆପଣ ମହିମାଙ୍କ ସ୍ଥାନରେ ଥିଲେ ଆପଣ କିପରି ବିଷୟଟିକୁ ପଢାଇଥାନ୍ତେ ? ଆପଣଙ୍କ ଉତ୍ତର ପାଇଁ ଏକ ପାଠ ଯୋଜନା ପ୍ରସ୍ତୁତ କରନ୍ତୁ ।